ମୁକ୍ତାହାର

ଶ୍ରୀ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦ୍ଦେବ
ରାଜାବାହାଦୁର
ରଜା—ଟିକଲି ।

ମୁକ୍ତାହାର

ଟିକ୍କିଲ ଅଧୀଶ୍ୱର

ଶ୍ରୀ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦେବ

ରାଜାବାହାଦୁର, ବିଦ୍ୟାବାଚସ୍ପତି,

ପୁରାତତ୍ତ୍ୱବିଶାରଦ, କାବ୍ୟ ବିନୋଦ ।

MUKTA HARA

SRI SRI SRI LAKSHMINARAYANA

HARICHANDAN JAGADEB

RAJAH BAHADUR.

TEKKALI.

ପ୍ରଥମ ମୁଦ୍ରଣ

PRINTED AT

THE STORE PRESS

FINE PRINTERS,

BERHAMPUR

1930

ମୂଲ୍ୟ ୪ ୦ ୮ As. 8.

ଭୂମିକା

ଏହି ପଦ୍ୟଗୁଡ଼ିକ ୧୯୧୨—୧୯୧୫ ସାଲ ମଧ୍ୟରେ ଆମ୍ଭେ କୌତୂହଳ ବଶତଃ ଲେଖି ପରମ ବନ୍ଧୁଙ୍କର ଅନୁରୋଧରୁଁ ତତ୍କାଳୀନ "ସମ୍ବଲପୁର ହିତୈଷିଣୀ, ଉତ୍କଳ ସାହିତ୍ୟ ଓ ମୁକୁର" ପ୍ରଭୃତି ସାହିତ୍ୟିକ ପତ୍ରମାନଙ୍କରେ ପ୍ରକାଶ କରାଇ ଥିଲୁଁ । ଏହି ରଚନାଗୁଡ଼ିକ ସନ୍ଦର୍ଶନ କରି ମାନନୀୟ ବାମଣ୍ଡାଧିପତି ସ୍ୱର୍ଗୀୟ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ, ଶ୍ରୀମାନ୍ ବଳଭଦ୍ର ଦେବ ବଡ଼କୁମାର ସାହେବ, କବିବର ରାୟ ମଧୁସୂଦନ ରାଓ ବାହାଦୁର ଏବଂ ଫକୀର ମୋହନ ସେନାପତି ପ୍ରଭୃତି ଦ୍ୱାରା ଆମ୍ଭର ସବିଶେଷ ଉତ୍ସାହ ବଢ଼ାଇ ଅଛନ୍ତି । ବିଶେଷତଃ ସ୍ଥାନେ ସ୍ଥାନେ ଉକ୍ତ ରଚନାମାନଙ୍କର ମାର୍ଜ୍ଜନା ସୁଦ୍ଧା କରି ଅଛନ୍ତି । ବର୍ତ୍ତମାନ ଆମ୍ଭର କେତେ ଜଣ ସ୍ନେହିଙ୍କ ଅନୁରୋଧ ରକ୍ଷାର୍ଥ ସେହି କୋମଳ ସୁକୁମାର ବାଲ୍ୟ କାଳୀନ ଲେଖାଗୁଡ଼ିକ ସ୍ଥାନେ ସ୍ଥାନେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ କରି "ମୁକ୍ତାହାର" ନାମରେ ପ୍ରକାଶ କଲୁଁ । କବି ଓ ପଣ୍ଡିତ ବର୍ଗ ସେଗୁଡ଼ିକର ଅସାରାଂଶ ପରିତ୍ୟାଗ ପୂର୍ବକ, ସାରାଂଶ ଗ୍ରହଣ କରି ଶ୍ରମ ସଫଳ କରିବେ ବୋଲି ଆମ୍ଭର ଏକାନ୍ତ ବିଶ୍ୱାସ । ଇତି ।

ଶ୍ରୀ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦେବ ରାଜାବାହାଦୁର ।

ଟିକାଲି ଦୁର୍ଗ । ଖ୍ରୀ: ୧ । ୫ । ୧୯୩୦

ଉପେନ୍ଦ୍ରବଜ୍ରା

ଶିତାଙ୍କ ସୌଧୋପର ସ୍ୱଜମାନେ
କସ୍ୱରବନ୍ଦେ ପରଦୀପ୍ତ ଷାଣେ ।
ସରସ୍ୱତୀ ମୋ'ଶୁଭଦା ହୁଅନ୍ତୁ
କୃପାକଟାକ୍ଷେ ଦହି ବିଘ୍ନରାଶି । ୦ ।

——୪୦୪——

ଇନ୍ଦ୍ରବଜ୍ରା

ଅନନ୍ତଚିତ୍ତେ କର ପଦ୍ୟଗାନ
ମାଧୁର୍ଯ୍ୟ ଆସ୍ୱାଦନରେ ପ୍ରବର୍ତ୍ତି ।
ତେଜନ୍ତୁ ଦୋଷାବଳି ହୃଦ୍ୟବିଦ୍ୟା —
ସହୃଷ୍ଟ-ଲୋକେ ! ମମ ବାକ୍ୟ ଘେନ । ୦ ।

ସୂଚୀ ।

ବିଷୟ		ପୃଷ୍ଠା
୧	ଭାରତ ଲକ୍ଷଣ	୧
୨	କୁମାର ପୂର୍ଣ୍ଣିମା	୨
୩	ଦ୍ରୌପଦୀ ବସ୍ତ୍ରାପହାର	୧୦
୪	ବସନ୍ତ	୧୩
୫	ପାତାଳ ଗାମିନୀ ସୀତା	୧୪
୬	ମାୟା କୋକିଳ	୧୬
୭	ଗ୍ରୀଷ୍ମ	୧୭
୮	ବନ୍ଧ୍ୟାପକ୍ଷୀ	୧୮
୯	କସ୍ତୁରୀ ମୃଗ ପ୍ରତି	୨୦
୧୦	ଭକ୍ତି	୨୨
୧୧	ବର୍ଷା	୨୪
୧୨	ଶରଦ ପୂର୍ଣ୍ଣଚନ୍ଦ୍ର	୨୭
୧୩	ସ୍ନେହ	୨୮
୧୪	ବସା ଗଛ	୩୦
୧୫	ମହୋଦଧି ତୀରେ ପୂର୍ଣ୍ଣିମାରଜନୀ	୩୧
୧୬	ବିପନ୍ନ	୩୩
୧୭	ନିର୍ଦ୍ଦୟ ମେଘ	୩୪
୧୮	ଶ୍ୱେତ ଶତଦଳ ପଦ୍ମ	୩୪
୧୯	ପୋଷା ସାପ	୩୫
୨୦	ପ୍ରାର୍ଥନା	୩୬
୨୧	ସଙ୍ଗୀତ ଅନ୍ତିମ ଚିନ୍ତା	୩୮
୨୨	ଦାବାନଳ	୪୫

୧୩ ଶକୁନ୍ତଳାଙ୍କ ପତ୍ର ୪୬
୧୪ ଏକତା ୪୮
୧୫ ନିଶୀଥ ଦୃଶ୍ୟ ୫୧
୧୬ ସରୋବର ତୀରେ ଅମାବାସ୍ୟା ରଜନୀ ୫୪
୧୭ ବିଦ୍ୟୁତ୍ ୫୫
୧୮ ସୃଷ୍ଟି ବିଗୃର ୫୬
୧୯ ସ୍ୱର୍ଗ ଓ ନରକ ୫୭

ଶୁଦ୍ଧି ପତ୍ର

ପୃଷ୍ଠା	ଧାଡ଼ି	ଅଶୁଦ୍ଧି	ଶୁଦ୍ଧି
୫	୭	ଚଉଢେ	ଚଉଢ
୫	୧୭	ଦ୍ରୌପଦୀ	ଦ୍ରଉପଦୀ
୭	୧୫	କାର	କର
୯	୧୭	ବଳଗଣେ	ବୃଷଗଣେ
୧୮	୩	ଜଳେ	ଜଳି
୧୮	୧୩	ଜନକ	କନକ
୧୯	୩	ବଞ୍ଚିଉ	ବଞ୍ଚିଉଁ
୨୧	୬	ପରୋପକର	ପରୋପକାର
୨୩	୯	କେତେ	କେବେ

ମୁକ୍ତାହାର ।

ଭାରତ ଲିଖନ ।

(ରାଗ—ରାମକେରୀ)

ଏହି ପରା ବେଦବ୍ୟାସଙ୍କ
ପୁଣ୍ୟତମ ଭବନ ?
ଦିବ୍ୟ ତରୁ ଲତା ନିବନ୍ଧେ
ହରେ ନୟନ ମନ । ୧ ।
ବସି'ଛନ୍ତି ସ୍ଥିର ମାନସେ
ବ୍ୟାଘ୍ର ଚର୍ମ-ଆସନେ,
ଥାପି କ୍ଷଣେ ଶାନ୍ତ ଦୃଷ୍ଟିକି
ବ୍ରହ୍ମରନ୍ଧ୍ର-ସଦନେ । ୨ ।
ତନ୍ଦ୍ରାବେଳେ ରୁଦ୍ଧ କୁମ୍ଭକ-
କ୍ରମେ ଶ୍ୱାସ-ପବନ
ଶରୀର ଝଳରେ ଝଣନ୍ତି
ତପ୍ତ-ତାମ୍ର ବରନ । ୩ ।

ଦିବ୍ୟ ଜ୍ୟୋତି ରେଖା ନିବଦ୍ଧ
ତହୁଁ ଜନମି ଉଭେ
ଜଣାଏଁ ତାହାଙ୍କ ଶିଥିଲ-
କାର୍ଯ୍ୟ ଦୃଢ଼ତା ଜବେ । ୪ ।
ତୁମ୍ବୀ କମଣ୍ଡଳୁ ପାର୍ଶ୍ୱେ
ଶୋଭେ ଅରୁଣବର୍ଣ୍ଣେ
କଷାୟ ବସନ କଟିରେ
ଭିଡ଼ି'ଛନ୍ତି ଯତନେ । ୫ ।
ଉପବୀତ ସଙ୍ଗେ ପଡ଼ି'ଛି
ଉତ୍ତରୀୟ ବସନ,
ପୂତ ଶୁକ୍ଳ ଶୁଭ୍ର ହୋଇ'ଛି
ବକ୍ଷୋଦେଶ ମଣ୍ଡନ । ୬ ।
ପୂଟପାକଶୁଦ୍ଧ କନକ—
ରମ୍ୟ ଜଟାନିକର
ବ୍ରହ୍ମରନ୍ଧ୍ର ଜାତ ଦୀପଶିଖା—
ପରି ଅତି ସୁନ୍ଦର । ୭ ।
ଏହି ପରା କୃଷ୍ଣ ଦ୍ୱୀପର
ମୁନିକୁଳ ତିଳକ ?
ହେବେ ବେଦବ୍ୟାସ ଏ ନିଶ୍ଚେ
ବେଦବ୍ୟାଖ୍ୟା କାରକ । ୮ ।
ତାହାଙ୍କ ପୁରତେ ରାଜିତ
ଶୋଣ ଅମ୍ବର ଧର
ଏକ ଦନ୍ତ ଦନ୍ତିବଦନେ
ଆହା କି ମନୋହର । ୯ ।

ସର୍ବ ବେଦବିଦ୍ୟା ଭରିତ
ଅତି ଲମ୍ବ ଉଦର
ରାଜେ ଶିରେ ରତ୍ନ ମୁକୁଟ
ପ୍ରଭାତସୂର୍ଯ୍ୟେ ସୁନ୍ଦର । ୧୦ ।
ସ୍ୱସ୍ତିକ ଆସନେ ଶୋଭିତ
ଏହୁ ଗଣ-ଈଶ୍ୱର
ଆଗେ ଭଦ୍ରପୀଠେ ସ୍ଥାପିତ
ରମ୍ୟ-ପତ୍ର ନିକର । ୧୧ ।
ତହିଁ ଶାନ୍ତ ଅନ୍ତସ୍ମରଣେ
ହେମଲେଖନୀ ଧରି
ଅବିଚ୍ଛିନ୍ନ ଭାବେ ଚଳାନ୍ତି
କ୍ଷିପ୍ର ଭାବାନୁସରି । ୧୨ ।
ଦକ୍ଷ ପାଶେ ଏକ ମୂଷିକ
ବସିଅଛି ନିର୍ଭୟେ,
ଗଜାନନ ଦେବ ବାହନ
ଅଟେ ଏହୁ ନିଶ୍ଚୟେ । ୧୩ ।
ବ୍ୟାସ ଗଣଈଶ ମଧ୍ୟରେ
ଏ କି ଆଶ୍ଚର୍ଯ୍ୟ ପୁଣି
ଚନ୍ଦ୍ରିକା-ବ୍ୟଜନ ସ୍ଫାଟିକ—
ମାଳା ପୁସ୍ତକ ପାଣି । ୧୪ ।
ସ୍ମିତାଧରୀ ରକ୍ତ ବସନା
ମୁକ୍ତା ମାଳା ଶୋଭନୀ
ମୟୂର ମଣ୍ଡିତ ବିଟପି——
ଶାଖା ଚଳାଶ୍ରୟିଣୀ । ୧୫

ଭକ୍ତଜନ ପ୍ରତି ସର୍ବଦା—
ମର ବର ଦାୟିନୀ
ବୀଣବଦନୀୟା ଅମୃତ-
ମୟୀ ମଞ୍ଜୁ ଭାଷିଣୀ । ୧୬ ।
ଯୁବତି ଏ ରାଜୁ ଅଛନ୍ତି
ହୋଇ ଥିବେଟି ସତ
ତ୍ରିଭୁବନ ମାତା ଏ ବିଦ୍ୟା —
ଅଧିଷ୍ଠାତୃ ଦୈବତ । ୧୭ ।
ଏହି ସ୍ଥଳେ ସେହି ଭାରତ
ଆଖ୍ୟାନ କି ମର୍ମସ୍ପର୍ଶୀ
କହୁ'ଛନ୍ତି ଯହିଁ ଶ୍ରୀକୃଷ୍ଣ
ନେତା ରୂପେ ଆଭାଷି । ୧୮ ।
ସକଳ ବୀରଙ୍କ ଅଗ୍ରଣୀ
ଚିର କୌମାର ବ୍ରତୀ
ସତ୍ୟବ୍ରତ ଗଙ୍ଗାସୁତଙ୍କ
ଯହିଁ ବର୍ଣ୍ଣିତ ନୀତି । ୧୯ ।
ମୂର୍ତ୍ତିମନ୍ତ ବୀରରସ ଯେ
କୃପ କୁମ୍ଭ ନନ୍ଦନ
ତା'ଙ୍କର ଅମୂଲ୍ୟ ଚରିତ
ହୁଏ ଯହିଁ ବର୍ଣ୍ଣିତ । ୨୦ ।
ଅମୃତ କବଚ କୁଣ୍ଡଳେ
ଦୃଢ଼ତର ଶରୀର
ସ୍ୱଧୈର୍ଯ୍ୟ ବୀରତ୍ୱ ଯହିଁରେ
ଉଦ୍ଘୋଷିତ କର୍ଣ୍ଣର । ୨୧ ।

ଧର୍ମସୁତ ଧର୍ମ ରାଜଙ୍କ
ଧର୍ମ କାହାଣୀ ଯହିଁ
ଅର୍ଦ୍ଧ୍ୟ ପ୍ରାନ୍ତ ଯାଏ ବହ'ଛି
ପରସ୍ପରତ ଯହିଁ । ୧୨ ।
ଭୀମ ଦୁଃଶାସନ ପ୍ରଭୃତ
ବୀର ମୁକୁଟଙ୍କର—
ଚରିତେ ଯେ ଲୋକ ଶିକ୍ଷଣେ
ଲୋକେ ଜଣେ ମୁକୁର । ୧୩ ।
ରାଜଧର୍ମ ଦାନ ଧରମ
ମୋକ୍ଷ-ଧରମ ଆଦ
ନୀତି ପୁଞ୍ଜେ ହୋଇଅଛି ଯେ
ସର୍ବ ସଂମତ ବାଦୀ । ୧୪ ।
ଉପାଖ୍ୟାନ କୂଟେ ସଙ୍କଟ
ଯା'ର ସର୍ବାବୟବ,
ବର୍ଣ୍ଣମୋହ୍ନା ଇତିହାସେ ଯେ
ପୂର୍ଣ୍ଣ ହେବା ସମ୍ଭବ । ୧୫ ।
ସୀତା ଦ୍ରୌପଦୀ ସାବିତ୍ରୀ
କୁନ୍ତୀ ପ୍ରଭୃତ ସତୀ
ଯହିଁ ଉଦ୍ଘୋଷିତ ହୋଇଣ
ସର୍ବପାପ ଖଣ୍ଡନ୍ତି । ୧୬ ।
ସେହି ମହାପୁଣ୍ୟ ବର୍ଦ୍ଧନ—
କାଶୀ ମହାଭାରତ
ଏଥି ଉକ୍ତି ବୋଲି ମୋ ମନେ
ହେଉଅଛି ଜନତ । ୧୭ ।

ଧନ୍ୟ ଧନ୍ୟ ବ୍ୟାସ ଗଣେଶ
ଧନ୍ୟ ତୁମ୍ଭ ଜୀବନ,
ଧନ୍ୟ ତୁମ୍ଭ ମହା ମହିମା
ଧନ୍ୟ ତବ ଜନନ ।୨୮ ।

ତୁମ୍ଭେ ଦୁହେଁ ନଷ୍ଟେ ଭାରତେ
ଏହି ମହାଭାରତ
ଯତ୍ନେ ଲେଖି ରଖି ବଢ଼ାଇ–
ଅଛ ମହା ମହତ୍ତ୍ୱ । ୨୯ ।

ନ ହେଲେ ଭାରତ ବାସିଏ
ଅଜ୍ଞ ଅନ୍ଧ କୂପରେ
ମଜ୍ଜି ରହିଥାନ୍ତେ ନିଶ୍ଚିତେ
ଘୋର ଦୁଃଖ କଷ୍ଟରେ । ୩୦ ।

ସର୍ବ ଶାସ୍ତ୍ରମୟ ଅଟଇ
ଏହୁ ତୁମ୍ଭର ବାଣୀ
ଶାସ୍ତ୍ର ବିନା ଜନଲୋଚନ
ଅହେ ଦୈବତ ମୁନ ! । ୩୧ ।

ରଖିଅଛ ଶୁଭ୍ର କୀରତ
ଏହି ମହୀ ମଣ୍ଡଳେ
ନ ହେବ ବିଲୁପ୍ତ ନିଶ୍ଚୟେ
ଏହା ପ୍ରଳୟ କାଳେ । ୩୨ ।

ତୁମ୍ଭ ଶିକ୍ଷଣୀୟ ଗ୍ରନ୍ଥକୁ
କରି ଆଦର୍ଶ ଜନେ
ପୋଷୁଛନ୍ତି ନବ ଉତ୍ସାହ
ସିନା ଉନ୍ନତ ମନେ । ୩୩ ।

କୁମାର ପୂର୍ଣ୍ଣିମା ।

ଯେତେବେଳେ ଧାରାବୃଷ୍ଟିପାତେ ଅବିରତ
ଆଣି ଥିଲା ପଙ୍କିଳତା କାହିଁ ରାଜପଥ ।୧।
ଜନ ସାଧାରଣ ସଦା ଗମନାଗମନେ
ସୁବିଧା ପାଉନଥିଲେ ଅନାୟାସ ମନେ ।୨।
ଯହିଁ ଗାଢ଼-ଅନ୍ଧକାର ରଜନୀ ସମୟେ
ଜନ ଦୃଷ୍ଟିଗତ ରୋଧ କରୁଥିଲା ଭୟେ ।୩।
କ୍ଷଣଦାରେ କ୍ଷଣେ କ୍ଷଣେ କ୍ଷଣପ୍ରଭା ଜାତ
ବିକସି ଅଲୋକୁ ଥିଲା ଯହିଁ ଏ ଜଗତ ।୪।
ଜନ୍ମି ଯହିଁ ବିକରାଳ ଅଶନି ନିଃସ୍ୱନ
ରଚୁଥିଲା ଲୋକହୃଦେ କମ୍ପ ଅନୁକ୍ଷଣ ।୫।
ଅପସରି ଗଲେ ଦୂରେ ସେ ଦିନ ନିକର
ଶରଦୃତୁ ଆଗମନ ଦର୍ଶନେ ସତ୍ୱର ।୬।
କାରାଗାର ବାସ ଯୋଗ୍ୟ ଅପରାଧୀ ଜନେ
ଦେଖି ରାଜଭୃତ୍ୟ ଯଥା ଚଳନ୍ତି ଗୋପନେ ।୭।
ଆସିଲା ସେ ଦିନ ନବ ପୁରସ୍କାର କାର
ସଉଭାଗ୍ୟଦାନେ ଦକ୍ଷ ପଦ୍ମାକରଙ୍କର ।୮।
ମାନବ ପରାଣେ ହର୍ଷ ବିବର୍ଦ୍ଧନ କର
ଯହିଁ କ୍ଷେତ୍ରଗଣ ଶାଳିନିବହେ ସୁନ୍ଦର ।୯।
ଯହିଁ ବାରିଧର ମୁକ୍ତ ଅନନ୍ତ ଗଗନ
ଚନ୍ଦ୍ର ତାରା ଗ୍ରହ ଯୋଗେ ଦିଶେ ପରସନ୍ନ ।୧୦।

ସଲିଲନିବହ ଯହିଁ ଅଛି ନିରମଳ
ପ୍ରପୂରିତ ଦଶଦିଶ ଯୂଥୀପରିମଳ ।୧୧।
ଚତୁର୍ଦ୍ଦିଗ ପ୍ରାନ୍ତରକ ଶୋଭାରାଶିପୂର୍ଣ୍ଣ
ଅପ୍ରକୃତ ବର୍ଷାଦର୍ପ ଶୀଘ୍ରେ ହେଲା ଚୂର୍ଣ୍ଣ ।୧୨।
ବନ୍ଧୁବଧ ବଳଭୋଗ ଭୋଜନାନନ୍ଦିତା
ଭଗବତୀ ଗିରିରାଜ ସୁତା ଲୋକମାତା ।୧୩।
ଯହିଁ ଲୋଚନ ତର୍ପଣମହୋତ୍ସବ ବହି
ରାଜନ୍ତି ଭଗତଜନ ବାସନା ପୂରାଇ ।୧୪।
ସେ ଶରଦ କାଳ ଆସି ଧରାଧର ବନ
ବ୍ୟାପି ଦେଶବିଦେଶରେ ଏବେ ରାଜମାନ ।୧୫।
ଦେଖୁ ଦେଖୁ ସେଥି ମଧ୍ୟେ ଆସି ଉପଗତ
ଦିନେକ କୁମାରୋତ୍ସବ ଦିନ ସୁସଂମତ ।୧୬।
ତାରକ ନାଶନ କାମୀ ଯହିଁ ସୁରଗଣ
ତପାପ୍ତେ ଜନମାଇଁଲେ ସେ ହରନନ୍ଦନ ।୧୭।
ଯାହାଙ୍କ କୁମାର ନାମ ବିଦିତ ଜଗତେ
ପାଳିତ କୃତ୍ତିକାଗଣେ ଯେ ଅନବରତେ ।୧୮।
କୀରତି ରହିଛି ଯାଁଙ୍କ କ୍ରୌଞ୍ଚବିଲଛଳେ
ଦେବସେନା ଅଧିପତି ହୋଇଥିଲେ ବଳେ ।୧୯।
ସେ ଷଡ଼ ଆନନ ଜନ୍ମ ଉତ୍ସବ ଦିବସ
କରି ଥିଲେ ଅନୁଷ୍ଠାନ ଯେ ଦିନେ ମହେଶ ।୨୦।
ଯହିଁ ପୂର୍ଣ୍ଣଚନ୍ଦ୍ରବିମ୍ବ ଚନ୍ଦ୍ରିକା ନିକର
ଦିଶେ ଅତିଶୟେ ସର୍ବ ଜନମନୋହର ।୨୧।
କୁମାର କୁମାରୀଗଣ ଦୋଲା ଆରୋହଣ
ଆମୋଦ ପ୍ରମୋଦ ଯହିଁ କରନ୍ତି ରଚନ ।୨୨।

ନବ ଅଲଂକାର ନବ ବସନ ବେଶରେ
ଭୋଗନ୍ତି ଆନନ୍ଦ ଭାସି ସୁଖ ସଂପଦରେ ।୨୩ ।
ବନ୍ଧୁବଧ ମହୋଦ୍ୟମ କଳପି ମାନସେ
କୁମାର କୁମାରୀଚୟ ମାତନ୍ତି ହରଷେ ।୨୪।
ଲଭଲେ ଅଭୀଷ୍ଟସିଦ୍ଧି ହୁଏ ଯେ ପ୍ରମୋଦ
ତାହା ଭୁଞ୍ଜୁଥିଲେ ଶିଶୁଗଣ ନିର୍ବିବାଦ ।୨୫ ।
କୋଜାଗର ନାମ ଯା'ର ଚିର ସୁବିଦିତ
ଯେଉଁ ଦିନ ଲକ୍ଷ୍ମୀ ଦ୍ୟୂତକ୍ରୀଡ଼ାର ଆଶ୍ରିତ ।୨୬।
ଲକ୍ଷ୍ମୀନାରାୟଣଙ୍କର କପର୍ଦ୍ଦିକା ଖେଳ
ଅନୁଷ୍ଠିତ ଶାସ୍ତ୍ରମତେ ରାତ୍ରେ ଅନ୍ଧବେଳ ।୨୭।
ବୋଲାଏ ଚନ୍ଦ୍ରମା ଯେଣୁ ସାଗର ନନ୍ଦନ
ତେଣୁ ତା ଉଦୟେ ଅବ୍ଧି କି ହରଷେ ପୂର୍ଣ୍ଣ ।୨୮।
ଅମୃତ କିରଣ ଜାଲ ଢାଳି ଏ ଜଗତେ
ଆମୋଦାଏ ସାରିବଣ ହୃଦୟ ସନ୍ତତେ ।୨୯।
ରଜନୀଶ ପଦ ତାଂର ସାର୍ଥ ସିନା ତେବେ
ରଜନୀ ସୁନ୍ଦର ଦିଶେ ଯାହା ଯୋଗେ ଏବେ ।୩୦।
ଗ୍ରହ ତାରାବଳଗଣେ ହୋଇଣ ବେଷ୍ଟିତ
ଅପୂର୍ବ ସୁଷମା ଧରି ଦିଶେ କି ଶୋଭିତ ।୩୧।
କୈରବିଣୀ କୁଳର ଏ ଅଭୀଷ୍ଟ ଦେବତା
ଜଗତର ଅପୂର୍ବ ଶିରୀ ଦେଖାଏ ମମତା ।୩୨।
ଅତଏବ ଚକୋର-ଦ୍ୱିଜେ ଅମୃତ ଭୋଜନ
ତେଣୁ ଦ୍ୱିଜରାଜ ପଦେ ଲଭେ ସଭାଜନ ।୩୩।
ଅମୃତ ଭାଜନ ସିନା ଏହୁ ସୁରଙ୍କର
ଏଥୁଁ ଭୁଞ୍ଜି ହୋଇ ଯାଇ'ଛନ୍ତି ସେ ଅମର ।୩୪।

ଗ୍ରୀଷ୍ମ ମଧ୍ୟ ଦିନ ଖରା ଯେସନ ଦୁଃଖଦ
ଏ ପୂର୍ଣ୍ଣିମା ନିଶୀଥିନୀ ତେସନ ସୁଖଦ ।୩୫।

ଦ୍ରୌପଦୀ ବସ୍ତ୍ରାପହାର ।

(ରାଗ—ମଙ୍ଗଳ)

ସାଧ୍ୱୀକୁଳ ଶିରୋମଣି ! ହାୟ ଯାଜ୍ଞସେନି !
ଘୋର ଦୁଃଖ କଲ ସହ୍ୟ ନିଜ ଭାଗ୍ୟ ମାନି ।୧।
ଧୃଷ୍ଟଦ୍ୟୁମ୍ନ ଯା ସୋଦର ପାଣ୍ଡବେ ଯା ନାଥ
କୁରୁସଭା ତଳେ ଆଜି ସେ ଅନାଥାବତ ।୨।
ବନାନ୍ତେ ବ୍ୟାକୁଳ ଯଥା ବିପନ୍ନା ହରିଣୀ,
ମନ୍ତ୍ର-ନିଗଡ଼ ନିବଦ୍ଧା ଯଥା ଭୁଜଙ୍ଗିନୀ ।୩।
ଅଟଳ ବିଶ୍ୱାସୁଁ ତୁମ୍ଭ ହୃଦୟ-ନଳିନ
ସୁଧା ସମ ହରିନାମେ ଅର୍ପିଲା ଆସନ ।୪।
ସେ ନାମ ପ୍ରଭାବୁଁ ସିନା ଶତ୍ରୁରୁଁ ତୁମ୍ଭର
ବସ୍ତ୍ରଶେଷେ ନ ପାରିଲା କୁରୁ କୁଳାଙ୍ଗାର ।୫।
ଦୀପାଲୋକ ନାଶେ କାହିଁ ସମର୍ଥ ବା ତମ ?
ପଣ୍ଡିତ ଜନ୍ୟେ କି ଶକ୍ତ ହୁଅଇ ଅଧମ ? ।୬।

ତେତେବେଳେ କୁରୁବୃଦ୍ଧ ଭୀଷ୍ମଙ୍କ ବଦନ
ଚହିଁ ଶୋକେ ହେଲ ପଦ୍ମ ସଜଳନୟନ ।୭।
ବସି ଥିଲେ ତାଙ୍କ ପାଶେ ଗୁରୁ ଦ୍ରୋଣ ବୀର
ଚହିଁ ଥିଲ ସକାତରେ ତାଙ୍କୁ ବାରମ୍ବାର ।୮।
କି ଭାବି କେଜାଣି ତଦା କୁରୁ ମହାରଥୀ
ପଦେ ହେଲେ ଭୀଷ୍ମପାଇଁ ନ କହିଲେ କଥା ।୯।
ବାରମ୍ବାର ଭୀଷ୍ମ ପ୍ରଶ୍ନେ ବାଧ ହୋଇ ପୁଣି
"ଧରମର ଗତି ସୂକ୍ଷ୍ମ" କହିଥିଲେ ବାଣୀ ।୧୦।
ଦୀର୍ଘ ଶ୍ୱାସ ବ୍ୟକ୍ତରେକେ ନିଷ୍ଠୁରଙ୍କ ଥରେ
ତେତେବେଳେ ଦ୍ରୋଣମୁଖୁଁ ଗୀର ଦୀନ ସ୍ୱରେ ।୧୧।
ଥିଲେ ଆଉ ଯେତେ ସଭ୍ୟ କୃପ ଆଦି ତହିଁ
କାହା ମୁଖୁଁ କୃପା ପୂର୍ଣ୍ଣ ବାକ୍ୟ ନ ଆସଇ ।୧୨।
ଏକେ ମହାରାଜସଭା ରାଜର୍ଷି ଗଣେ
ପୂରିଥିଲା, ତହିଁ ଅଜ୍ଞ ନ ଥିଲା ତ ଜଣେ ।୧୩।
ବିଶେଷେ ନରେଶସୁତା ଅଯୋନି ସମ୍ଭୂତା
ମହାରାଣୀ, ମହାରାଜ କୁଳାଧିଦେବତା ।୧୪।
ରଜଃସ୍ୱଲା ଏକବସ୍ତ୍ରା ଏବେ ବଳାତ୍କାରେ
କରାଯା'ନ୍ତି ବସ୍ତ୍ରଶୂନ୍ୟା ଅନାଥା ପ୍ରକାରେ ।୧୫।
ଏ ମହା ପାପ କରମେ କୁରୁରାଜାଧମ
ଦେଇଛି ଆଦେଶ ତା'ର ବୁଦ୍ଧି କେଡ଼େ କମ ।୧୬।
କରେ ତାହା ଅନୁଷ୍ଠାନ ଭାଇ ଦୁଃଶାସନ
ନାହିଁ ତାର ଲଜ୍ଜା ଭୟ ଦୟା ଧର୍ମଜ୍ଞାନ ।୧୭।
ଦେଖୁଛନ୍ତି ସଭ୍ୟବର୍ଗ, ଦେଖନ୍ତି ଶ୍ୱଶୁର
ଦେଖନ୍ତି ଜ୍ଞାତି, ମାତୁଳ, ଦେଖନ୍ତି ଭୂସୁର ।୧୮।

ତଥାପି ଅତୁଳ ପାପ କୃତ୍ୟ ଅକରଣେ
ନ କରନ୍ତି ନିବାରଣ କେହି ହେଲେ ଜଣେ ।୧୯।
ଅକ୍ଷମାୟୀ ଦୂରଦର୍ଶୀ ଶକୁନି ମାତୁଳ—
ସହାୟେ ଦ୍ୟୂତ ବିଜୟୀ ଏଥେ କୁରୁପାଳ ।୨୦।
ପ୍ରଫୁଲ୍ଲ-ବଦନେ ଏବେ ଯାଜ୍ଞସେନୀଙ୍କର
ଦେଖନ୍ତି ସୁଷମା କେଡ଼େ ନିର୍ଲଜ୍ଜ ବ୍ୟାପାର ।୨୧।
ଅକ୍ଷକଳା ଅନଭିଜ୍ଞ ରାଜା ଯୁଧିଷ୍ଠିର
ବସି'ଛନ୍ତି ଅଧୋମୁଖେ ହୃଦୟ ଅଧୀର ।୨୨।
ଦ୍ୟୂତ ଅଟେ ଅନ୍ୟତମ ଅନର୍ଥ ଆଳୟ
ତହିଁ ଏଥେ ପରାଜିତ ମ୍ଳାନ ଧର୍ମରାୟ ।୨୩।
ପଲ୍ଲବିତ କୁରୁବଂଶ କ୍ଷୟର କାରଣ
ହେଲା ପର ଏ କୃତ୍ୟର ଜଗତେ ସୃଜନ ।୨୪।
ଏଥି ଉତ୍ପନ୍ନ ରୋଷ ଲୋଭ ଅହଙ୍କାର
କଲା ଭେଦ ପରସ୍ପରେ ଭ୍ରାତୃଜନଙ୍କର ।୨୫।
ଅନୀତି ଭଣ୍ଡାର ଏହି ସଭା ସଭ୍ୟଗଣେ
ଭୁଞ୍ଜିବେ ଏ ପାପଫଳ ସଙ୍ଗର ଅଙ୍ଗଣେ ।୨୬।
ଯଦା ତଦା ଯେଉଁ କେଉଁ ଜନ ଯହିଁ ତହିଁ
ନିଜ କର୍ମ ଅନୁସାରେ ଫଳକୁ ଭୁଞ୍ଜଇ ।୨୭।
ପାପବାହୁଲ୍ୟ ପ୍ରଯୁକ୍ତ କଉରବ କୁଳ
ହେମନ୍ତ ପଦ୍ମିନୀବତ ହେବେ ନିର୍ମୂଳ ।୨୮।
ସୁକୃତ ଆଶ୍ରୟୁଁ ସିନା ପଞ୍ଚପଣ୍ଡୁ ସୁତେ
ବିବିଧ କ୍ଲେଶରୁ ମୁକ୍ତି ଲଭିଣ ଜଗତେ ।୨୯।
ବୈରିକୁଳ କରି ଜୟ ରାଜିବେ ଧରମେ
ପାଳିବେ ପରଜାପୁଞ୍ଜ ନିଜ ସୁତୋପମେ ।୩୦।

ଯହିଁ ସୁକୃତ ବ୍ୟବସ୍ଥା ନଷ୍ଟେ ତହିଁ ଜୟ,
ଅଧର୍ମ ଯହିଁ ସର୍ବଥା ତହିଁ ପରାଜୟ ।୩୧।

ବସନ୍ତ ।

(ରାଗ—ବସନ୍ତ)

ଅହୋ କି ସୁଦିନ ପ୍ରବେଶିଲା ଆଜ
ଉତ୍କଳ ଧରଣୀ ମଣ୍ଡଳେ,
ଆମ୍ଭେ ସବୁ ଭାଇ ହୋଇ ଏକତ୍ରିତ
ପଡ଼ିବା ମାତୃପାଦତଳେ ।
ନିଶ୍ଚଳେ
ଶ୍ରଦ୍ଧା ଭକ୍ତି-ସର୍ବସ୍ୱ ବଳେ,
ଭାଇ ଭାଇ ମଧ୍ୟେ ପରସ୍ପର ପ୍ରେମେ
ମୁଗ୍ଧ ହୋଇ ଯିବା ସକଳେ ।୧।
ଚରାଚର ମଧ୍ୟେ ଆମ୍ଭେ ଧନଶାଳୀ
ଥିଲୁଁ ଆମ୍ଭେ ଧୀର ପ୍ରଶାନ୍ତ,
ମହା କବିକୁଳ ଏ ଆମ୍ଭର ଦେଶେ
ହୋଇଥିଲେ ନିଶ୍ଚେ ଜାତ !
ଏମନ୍ତ
ନ ଥିବଣ ମମତାବ୍ରାତ,

ଏକମନେ ଏବେ   ଲାଗିଯିବା ସର୍ବେ
ହେବ ଯଥା ଦେଶ ଉନ୍ନତ ।୨।
ସାହିତ୍ୟ ଭଣ୍ଡାର   ପୂର୍ଣ୍ଣେ ଯଦି ଇଚ୍ଛା,
ଆବଶ୍ୟକ ଭାଷା ଉନ୍ନତ,
ବନ୍ଧୁବଧ ଭାବ   ବନମଧ୍ୟ ଲାଗି
ଲଗାଇବା ସର୍ବେ ସ୍ୱମତ,
ବଗ୍ୟର
କୃଷି ଶିଳ୍ପ ଦେଶେ ପ୍ରଗ୍ୟର
ଭାରତ ଜନନୀ —   ଦୁଃଖ ପରିହର
ଦେଖିବା ନେତ୍ରଁ ମୋଦବାରୁ ।୩।

ପାତାଳଗାମିନୀ ସୀତା ।

(ରାଗ— ନଳିନୀ ଗୌଡ଼ା)

ସତୀ ସୀମନ୍ତିନୀ ଶିର— ଭୂଷା ପାରିଜାତ,
ଜନକନରେଶ ସୁତା କୁଶଲବ ମାତ ! ୧।
ଶିଶୁ ଖେଳ କଉତୁକ ପଡ଼ିଲା କି ମନେ ?
ଧରଣୀ ଧୂଳି ଉତ୍ସବେ ଲାଗି'ଛ ମଉନେ ।୨।
ତେତେବେଳେ ଯିନା ସେହୁ କ୍ରୀଡ଼ାକଉତୁକ
ଅଜ୍ଞାନ ପ୍ରଯୁକ୍ତ ହେଉଥିଲା ଜାଗରୂକ ।୩।

ନଥିଲା ସେକାଳେ ତୁମ୍ଭ ନିର୍ମଳ ଅନ୍ତର,
ମାୟା ମମତା ବିଲିପ୍ତ କଂଟକ ମାତର ।୪।
ନ ଥିଲା ତ ଶତ୍ରୁ ମିତ୍ର ଜ୍ଞାନ ପରପ୍ରତି
କ୍ଷଣେ କାମୁ ନଥିଲ ତ ସଂସାର ଉନ୍ନତି ।୫।
କାମ କ୍ରୋଧ ଲୋଭ ମୋହ ଆଦି ଷଡ଼୍ ଅରି
ଛୁଇଁ ପାରୁନଥିଲେ ତ ଶରୀର ତୁମ୍ଭର ।୬।
କପଟ ଶଠତା ଦମ୍ଭ ଗର୍ବେ ଅନାବିଲ
ସୁଖେ ଥିଲ ମହାସୁଖୀ ସାଧ୍ୱୀମଣି ! ଚିର ।୭।
ଏବେ ନୁହ ତୁମ୍ଭେ ଶିଶୁ, ନାହିଁ ସେ ଶିଶୁତା
ଆଜ ତୁମ୍ଭେ ହୋଇଅଛ ଶିଶୁଜନ ମାତା ।୮।
ପତି ପୁତ୍ର ମିତ୍ର ଆଦି ସ୍ୱଜନ ଉନ୍ନତି
ଚିନ୍ତାରେ ଚିନ୍ତିତା ସଦା ଏବେ ମତିମତି ! ୯।
ସ୍ୱଜନଙ୍କ ଶୁଭାଶୁଭ ବିବେଚନା ବ୍ରତେ
ଆଜ ତ ବ୍ରତିନୀ ତୁମ୍ଭେ ଅଟ ଅନାରତେ ।୧୦।
କି କରୁ'ଛ କି କରୁ'ଛ ରାମରାଜ ରାଣୀ
ରଖିବ କି ଏ ସଂସାରେ କୀରତି କାହାଣୀ ।୧୧।
ପାଶେ ଉଭା ଯତ ପତି ଦେବର ତନୟ,
ବିତରୁ'ଛ ଦରଶକ ହୃଦୟେ ବିସ୍ମୟ ।୧୨।
ଜାଣିଲି ଜାଣିଲି ତୁମ୍ଭେ ସତୀ ଶିରୋମଣି,
ଥିଲ ଅଜଯାଏ ସାଧ୍ୱୀବରତେ ବ୍ରତିନୀ ।୧୩।
ଆଜ ପରା ସେହି ମହାବ୍ରତ ଉଦ୍ୟାପନ—
କରିବାକୁ ଭୂଗରଭେ ହୋଉ'ଛ ବିଲୀନ ।୧୪।
କିପାଇଁ ଏ କୃତ୍ୟ ଆଜ ତୁମ୍ଭର ଅନ୍ତରେ
ଉଦ୍ଭବିଲା ? ଭାବଇ ମୁଁ ବନ୍ଧି ପଶ୍ଚାତାରେ—୧୫

ସାଗର ବେଷ୍ଟିତ ଲଙ୍କା ନଗର ପ୍ରାନ୍ତରେ
ହୋଇଥିଲ ସମୁତ୍ତୀର୍ଣ୍ଣା, ଏବେ ଆଉ ଥରେ ।୧୬।
ସାକେତ ନିବାସି ଜନ ହୃଦୟେ ତୁମ୍ଭର
କଳଙ୍କ ବିହୀନ ଭାବ ପ୍ରଦର୍ଶନ ପର— ।୧୭।
ପ୍ରାର୍ଥିଲେ ପରୀକ୍ଷା ଯେଣୁ ସେ ରାଘବ ପୁଣି,
କଳଙ୍କ ଆରୋପ ତୁମ୍ଭେ ନିଜଠାରେ ଶୁଣି ।୧୮।
ଶେଷ ବିଦାୟ କି ଅବା ମାଗୁଛ ସ୍ୱଜନେ ?
ନିକ୍ଷେପିଣ ଶୋକ-ବହ୍ନି ତାଙ୍କର ଚେତନେ ।୧୯।
ଥାପିଲ ଥାପିଲ ତୁମ୍ଭେ ବିଶୁଦ୍ଧ କୀରତି
ଯାବତ ଗଗନେ ଥିବେ ଦିନ ରାତ୍ରି ପତି ।୨୦।
ତବ ପତିପରାୟଣ ଭାବ ଭୂଖଣ୍ଡରେ
ଶିଖିବେ ନାରୀଏ ନିତ୍ୟେ ଆଦର୍ଶ ଅନ୍ତରେ ।୨୧।
ରହିଥିବ ବସୁନ୍ଧରା ଜାଣ ଯେତେ ଦିନ
ନିସ୍ତଲେ ରହିବ ତବ ସ୍ମରଣୀୟ ନାମ ।୨୨।

ମାୟା କୋକିଳ ।

(ରାଗ— ମଙ୍ଗଳ)

ପୁଷ୍ପିତ ରସାଳ ଡାଳେ ଖେଳରେ ବାୟସ !
ବସନ୍ତ ଋତୁରେ ହୋଇ ପ୍ରମୋଦ ମାନସ ।୧।
ତେଜ ମାତ୍ର ତୁହି ତୋର କର୍ଣ୍ଣଶୂଳ ରୁତ
ମଣିବେ ସମସ୍ତେ ନିଶ୍ଚେ ତୋତେ ପରଭୃତ ।୨।
ରମଣୀ ଲଲାଟେ ପଙ୍କ ଲାଗିଥାଏ ଯେବେ
ମୃଗମଦ ବିନ୍ଦୁ ଶଙ୍କା ନ କରେ କେ ତେବେ ? ।୩।
ଶ୍ରେଷ୍ଠସ୍ଥିତି-ବଇଭବୁଁ ଏ ବିଶ୍ୱଜଗତେ
କେତେକ ପଦାର୍ଥ ଧନ୍ୟ ହୁଅନ୍ତି ନିୟତେ ।୪।

ଗ୍ରୀଷ୍ମ ।

(ରାଗ—ମଙ୍ଗଳ)

ସୁମଧୁର ଋତୁରାଜ ମଧୁଋତୁ ଅନ୍ତେ
ପ୍ରବେଶିଲା ନିଦାରୁଣ ନିଦାଘ ଜଗତେ ।୧।
ଅନଳ ପରାୟେ ତପ୍ତ ହେଲା ରାଜପଥ
ଲଭିଲେ ଚରମ ଦଶା ତୃଣ ଲତାବ୍ରାତ ।୨।
ଜଳାଶୟ କ୍ଷୀଣକାୟ; କାହିଁ କାହିଁ ନୀର
ଦୁର୍ଲ୍ଲଭ, ତୃଷାର୍ତ୍ତେ ପକ୍ଷିଗଣ ରବେ ଧୀର ।୩।

ଘର୍ମୋଦକ ବିନ୍ଦୁଜାଲ ଶୋଭନ୍ତି ଶରୀରେ
ବହିଲା ଜନଙ୍କ ଶ୍ରଦ୍ଧା ଶୀତଳ ସମୀରେ ।୪।
ଜଳେକଳେ ଚନ୍ଦ୍ରଶାଳାମାନ ମନୋହର,
ଲୋକେ ହେଲେ ଚତୁର୍ଗୁଣେ ମୀରେ ସମାଦର ।୫।
ଦିବସାନ୍ତ ମାଧୁର୍ଯ୍ୟକୁ ସର୍ବଦା ମାନସ
ଚନ୍ଦ୍ରଙ୍କ ଅତପତାପେ ହୋଇଣ ବିବଶ ।୬।
ପୋଷାକ ଧାରଣୁଁ ଚିତ୍ତ ହେଲା ଦୂରତର,
ବ୍ୟଞ୍ଜନାଦି ବାତ ଯନ୍ତ୍ର ଗୁଲନେ ତତ୍ପର ।୭।
ଚଳିଲା ଭ୍ରମଣି ସାୟଂ ମାନସ ବିନୋଦ,
ବଢ଼ାଇଲା ଚନ୍ଦ୍ରସିତ ଅତ୍ୟନ୍ତ ପ୍ରମୋଦ ।୮।

ବନ୍ଦୀ ପକ୍ଷୀ ।

(ରାଗ— ରସକେଲି)

ଜନକ ପଞ୍ଜୁରୀ ମଧ୍ୟରେ
ଥିଲା ଅନନ୍ଦେ ଶୁକ,
ସର୍ଜୁଥିଲା କଳ କୂଜନ
କର୍ଣ୍ଣ ମନୋହାରକ ।୧।
ଦର୍ଶକ ନୟନ ବିଲୋଭ
କେଡ଼େ ସୁନ୍ଦର ତନୁ
ସମ୍ବର୍ତ୍ତିକା ରୁଚି ରୁଚିର
ଛାଡ଼ି ନ ଯାଏ ମନୁଁ ।୨।

ଦିବା କ୍ଷଣେ କ୍ଷଣେ ଦିଶିବ
　　　　ହୋଇବାରୁ ଉଦୟ
ପ୍ରକାଶେ ବିବିଧ ବିଚିତ୍ର
　　　　ମହାନନ୍ଦେ ଅଥୟ ।୩।
ନଭିବଇ "କାହିଁ ଅଇଲି,
　　　　ଏଥି ଅଛି କିପାଇଁ ?
କି ଅବା ମୋହର କର୍ତ୍ତବ୍ୟ
　　　　ଅଛି ପୂରତେ ରହି ? ୪।
ପାଦେ ବନ୍ଧା ଏହି ଶୃଙ୍ଖଳା
　　　　କେବା କାଟିବ ମୋର ?
କେ ଅବା ମଙ୍ଗଳ ମନାସି
　　　　ଏଥୁଁ କରିବ ପାର ?" ୫।
ଏ ଚିନ୍ତନ ପରିବର୍ତ୍ତନେ
　　　　ଚିନ୍ତେ ବନ୍ଧ·କରତା,
ମଧୁର ବଚନେ ତା ହୃଦେ
　　　　ବୃଦ୍ଧି କରେ ମମତା ।୬।
ଜାଣିଲି, ଯେ ବାକ୍ୟେ ସେ ସିନା
　　　　ଦେଇ ପାରେ ମୁକତି,
ଏଣୁ ବିସ୍ତାରଇ "ଜଗତ—
　　　　କର୍ତ୍ତା" ରୂପ ସୂକତି ।୭।
ଦେଖୁଁ ବାରମ୍ବାର କି ଚିନ୍ତା
　　　　କଲି ପୁଣି ତଲ୍ଲୟେ,
ଛିଡ଼ିଲା ବନ୍ଧନ ତାହାର,
　　　　ଉଡ଼ିଗଲା ନିର୍ଭୟେ ।୮।

ମହାନନ୍ଦଭରରେ କଳତ
କଳ କୂଜନ ଧାଇଁ
ଡାଳଦେଲା ଜନ ଶ୍ରବଣେ
ସୁଧା ସମ୍ପାତ ଭଳି ।୯।
ଅନନ୍ତ ଗଗନ ଅଙ୍ଗନେ
ଗତ କଲା ମହତ
କିଛି କ୍ଷଣେ ଅକ୍ଷିପଥରୁ
ହୋଇଗଲା ଅତୀତ ।୧୦।

କସ୍ତୂରୀମୃଗ ପ୍ରତି ।

[ରାଗ ରାମକେରୀ]

ମାନବ ଅଗମ୍ୟ କାନନେ
ଅଟେ ତୁମ୍ଭ ନିଳୟ,
ତୁମ୍ଭେ ତ ମାନସ ହାରକ-
ସଉରଭ ଆଳୟ ।୧।
ଚତୁର୍ଦ୍ଦିଗେ ଅତୁ ସୌରଭ୍ୟ
କରୁ ଅଛ ପ୍ରଚାର,
ସେ ଗନ୍ଧ ଆଘ୍ରାଣେ ଲଭନ୍ତି
ନରେ ତୃପ୍ତି ଅପାର ।୨।

ତଥାପି ସେ ତବ କର୍ତ୍ତବ୍ୟ
ନୁହେ ଜାଣ ନିଶ୍ଚୟ,
କୃତଜ୍ଞତା-ପାଶେ ଆବଦ୍ଧ
ନୁହେ ପ୍ରାଣିନିଚୟ ।୩।

ସାଧୁହିଁ ନା ବୁଝି ପାରଇ
ତତ୍ତ୍ୱ ପରୋପକାର,
ତାହା କାହୁଁ ଅବା ଜାଣିବ
ଅସାଧୁର ଅନ୍ତର ? ।୪।

ନାହିଁ ଖଳଠାରେ ସୁଜନୋ-
ଚିତ ବାସନା ଲେଶ,
ସବୁ ବେଳେ ତେଣୁ ତାହାର
କଳୁଷିତ ମାନସ ।୫।

ଯେତେ ବେଳେ ବନ୍ଧୁ ପ୍ରମୋଦ-
କର ଗନ୍ଧ ଭ୍ରମର
ଦୁର୍ଜନ-ଲୁବ୍ଧକ ଆଘ୍ରାଣେ
ବରତଇ ପ୍ରଚୁର ।୬।

ସେ କ୍ଷଣି ସେ ଗନ୍ଧ ପ୍ରବାହ
କରି ଅନୁସରଣ
ଗୁପ୍ତଭାବେ ଆସି ମିଳଇ
ପାଶେ ସେହି ଦୁର୍ଜନ ।୭।

ସୁନ୍ଦର କୋମଳ ଶରୀରେ
କ୍ଷେପି ପ୍ରଖର ଶର
ଘେନଇଁ ପରାଣ ଝଟଛି
ଆହେ ମୃଗ ! ଭ୍ରମର ।୮।

ଅସ୍ଥାନ ପତିତ ସୁଗୁଣ
କାହିଁ କେବେ ଜଗତେ
କର'ନ୍ତି କି ଲୋକ ଉନ୍ନତ
କିବା କଲ୍ୟାଣ ସତେ ? ୯।
ଜନମାଏଁ ସିନା ସେ ଜବେ
ଅବନତି ଅଶୁଭ,
ସାବଧାନେ ସଦା ଲଭିବ
ଜାଣି ନଷ୍ଟପ୍ରେ ଶୁଭ ।୧୦

ଭକ୍ତି ।

(ରଗ— ଭୂପାଳ)

ଭକ୍ତିରେ ତୃପତ ସର୍ବ ଦଇବତ,
ଭକ୍ତିରେ ସକଳ ବାଞ୍ଛିତ ପ୍ରାପତ ।୧।
ଭକ୍ତିରେ ଉନ୍ନତ ହୁଅଇ ମାନବ,
ଭକ୍ତି ଦିଏ ସିନା ଜନକୁ ସାଧବ ।୨।
ଭକତରୁ ଜାତ ହୁଏ ଅଦ୍ଭୁତ,
ଭକତ ଜଗତେ ପରମ ମହତ ।୩।
ଭକତର ବଶ ବର୍ତ୍ତୀ ଏ ଜଗତ,
ପ୍ରପୂଜିତ ହୁଏ ସ୍ୱରଗେ ଭକତ ।୪।

ଭକତର ଅର୍ଥ ପରଂକଷ୍ଟ ମୁକ୍ତି,
ପରସୁଖ ପାଇଁ ସ୍ୱଦୁଃଖ ସ୍ୱୀକୃତ ।୫।
ଏଣେ ପରାତ୍ପର ପରମ ପୁରୁଷ
ଅତଶଯ୍ୟେ ପୁଣି ଲଭନ୍ତ ସନ୍ତୋଷ ।୬।
ତହୁଁ ଜାତ ଶାନ୍ତ ସୁଖାଦ ସୁଗୁଣ
ଜଗତ ମହତ ଲୋକାଲଂକରଣ.।୭।
କାମ କ୍ରୋଧ ଲୋଭ ଆଦ ଷଡ଼ଅର
ଦୂରେ ଗଲ ଯା'ନ୍ତ ଭକ୍ତ ପରଦ୍ୱର ।୮।
ନ ଲଭେ ଭକତ କେତେ ଅମଙ୍ଗଳ,
ତା' ମଙ୍ଗଳ କାସ୍ୱ ସରବ ମଙ୍ଗଳ ।୯।
ଏଣୁ ଲୋକେ ଭକ୍ତି ପରମ ମଙ୍ଗଳ,
ଭକ୍ତି କର, ଭକ୍ତି କର, ଲଭ ଫଳ ।୧୦।

ବର୍ଷା ।

(ରାଗ—ମଙ୍ଗଳ)

ପ୍ରବେଶଇ ବର୍ଷା ଋତୁ ମୃଗରାଜବତ,
ତଡ଼ିତ-ନୟନ ସ୍ୱନ ଷ୍ଟୁରେ ଅବିରତ ।୧।
ବିହାରେ ସଦା ସେ ରତ ବିସ୍ତୃତ-କାନନେ,
କାନ ନେତ୍ର ବୁଜୁଥାନ୍ତି ଶୁଣି ଦେଖି ଜନେ ।୨।
ରବିମୁଖେ ପୁରନ୍ଦର କୋଦଣ୍ଡ ବିକଶେ,
ନବରତ୍ନେ ସୁରଞ୍ଜିତ ହେଲା ପରି ଦିଶେ ।୩।
ନପାଇଣ ରବିଭକ୍ତେ ମାର୍ତ୍ତଣ୍ଡ ଦର୍ଶନ
ଅସନ୍ତୁଷ୍ଟ ଅନ୍ନ ଜଳ ନ କରି ସ୍ପର୍ଶନ ।୪।
ବାରମ୍ବାର ଆକାଶକୁ ରବି ସଂବୀକ୍ଷଣି—
ଲାଳସାରେ ନିକ୍ଷେପନ୍ତି ବିଲୋଲ ଲୋଚନ ।୫।
କେଦାର ହୁଡ଼ା ତଳରେ ବସି ଭେକ ପନ୍ତି
ଧଇବତ ସ୍ୱରେ ଶୁଭଗୀତ ଆଳପନ୍ତି ।୬।
କେବେ ବୃଷ୍ଟିବଶୁଁ ଜଳପ୍ରବାହେ ଭରିତ
ହୁଏ ରାଜମାର୍ଗ ଯଥା କୃତ୍ରିମ ସରିତ ।୭।
ଡେଙ୍ଗେବେଲେ ଶିଶୁଗଣ କାଗଜ ରଚିତ
ନାବ ଭସାଅନ୍ତି ହୋଇ କୁତୂହଳ ଚିତ୍ତ ।୮।
ଝଡ଼ିପୋକ କେଉଁଠାରେ ହୋଇ ଲକ୍ଷ ଲକ୍ଷ
ଉଡ଼ନ୍ତେ କରଟଗଣ କରି ତାଙ୍କୁ ଲକ୍ଷ୍ୟ ।୯।
ଦେଖାଇ ବିଚିତ୍ରଗତି ଗଗନ—ଚତ୍ୱରେ
ଧରି ସେ ସକଳ ପୁଣି ଭକ୍ଷନ୍ତି ସତ୍ୱରେ ।୧୦।

ପର୍ବତୁଁ ଝର୍ଝର ସ୍ୱନେ ବହଇ ନିର୍ଝର
ବହେ ଯଥା ଶ୍ରାନ୍ତ ଦେହୁଁ ସଦା ଘର୍ମଜଳ । ୧୧ ।
ଗିରି ମହୀରୁହ ମୂଳ ହୁଅଇ କ୍ଷାଳିତ
କାହିଁ ଶିଳା ନିଜ ସ୍ଥାନୁ ହୁଏ ବିଗଳିତ । ୧୨ ।
ନଦୀ ତୀର ସୁଶୋଭିତ ମହାଦ୍ରୁମବ୍ରାତ
ଶୋଭିଲେ ଅକ୍ଳେଶେ ଢ଼ଳ ହୋଇ ଉନ୍ମୂଳିତ । ୧୩
କାହିଁ ମେଘସ୍ୱନ ଶୁଭେ ମୃଦଙ୍ଗ ପରାୟେ,
ତା'ଶୁଣି ପଥିକ ଦୁଃଖ ବଢ଼େ ଅତିଶୟେ । ୧୪ ।
'ଶିଖାବଳ ନିକୁରମ୍ବ କାହିଁ ବା ହରଷେ
କରନ୍ତି ନର୍ତ୍ତନ ମାତି ଷଡ୍ଜାଲାପ ରସେ । ୧୫ ।
ବିରାଜଇ କିଆ ଫୁଲ କେଡ଼େ ମନୋହର,
ଦର୍ଶକ ମାନସେ ଜାତ କରେ ଏ ବିସ୍ମର । ୧୬ ।
ମେଘ ସଂଘର୍ଷଣୁଁ କୃଶଶିଖ ଶଶଧର
ତଳେ ଖସି ପଡ଼ି ଏଥେ ଦିଶେ କି ସୁନ୍ଦର । ୧୭ ।
ନବ କୁସୁମିତ ଭୂଇଁଚମ୍ପା ସମାବୃତ—
ବାୟୁ ବହି ପଥିକଙ୍କୁ କରେ ବିରକତ । ୧୮ ।
କୃଷକଜନଙ୍କର କିଶ ଗ୍ରାମ୍ୟଗୀତାଳାପ
ହଳ କାର୍ଯ୍ୟେ ମାତି'ଛନ୍ତି, ହରଷ ଅମାପ । ୧୯ ।
ମୀନଗଣ ତେଜି ନିଜ ନିଜ ନିକେତନ
ବିଦେଶେ ଚଳନ୍ତି ହୋଇ ପ୍ରବାହେ ପତନ । ୨୦ ।
ନ ଥାଏ ମୁହୂର୍ତ୍ତେ ରବି ମଣ୍ଡଳ ବିକାଶ,
ଈଷଦ୍ଧାସ ସମ କାହିଁ ଦିଶେ ପ୍ରକାଶ । ୨୧ ।
ସଲିଳ ସଂପୃକ୍ତ ବାତ ଖରେ ବହୁଥାଇ,
ଅଙ୍କୁରିତ ଘାସଚୟେ କାହିଁ ଶୋଭେ ମହୀ । ୨୨

କେତେବେଳେ କାହିଁ କାହିଁ ଗୃହକେ ସଲୀଳ—
ଗଡ଼ରେ ଗଗନାଙ୍ଗଣେ ପିଅନ୍ତି ସଲିଳ । ୨୩ ।
ପଲ୍ଲବିତ ତରୁ ଲତା ସଂକୁଳ କାନନ
ସୁଷମା ବଢ଼ାଇ ରଜେ ଅହା ପ୍ରତି ଦିନ । ୨୪ ।
କୁମ୍ଭାଟୁଆଗଣ ନିଜ ଲାଞ୍ଜ ଚମକାଇ
ଘନ କଣ୍ଟକମୟ ବୃକ୍ଷ ଶାଖାପରେ ରହି । ୨୫ ।
ଉଚ୍ଚ ସ୍ୱରେ ଦେଇ ଡାକ ପଥିକନିକର
ହୃଦୟ ହ୍ରଦ ଅଭ୍ୟନ୍ତର କମ୍ପାନ୍ତି ସତ୍ୱର । ୨୬ ।
କୁସୁମିତ କଅଁ ଲତା ମୂଳରେ ତାହ୍ନକେ
ତାନେ 'କୋବା କୋବା' ଧ୍ୱନି କରୁଥାନ୍ତି ସୁଖେ । ୨୭ ।
କଦମ୍ବେ ପୁଷ୍ପିତ ହେଲେ, ତଥା ଯାଇ ଯୂଇ,
ମାତନ୍ତି ବେଙ୍ଗ ନାଚନ୍ତି ଶିଶୁଗଣ କାହିଁ । ୨୮ ।
ନିଶାରେ ଜ୍ୟୋତିରଙ୍ଗଣେ ବୃକ୍ଷ ଅଭ୍ୟନ୍ତରେ
ପ୍ରକାଶନ୍ତି ନିଜ ନିଜ ତେଜ ଦ୍ୱିଗୁଣରେ । ୨୯ ।
ଝଙ୍କାର ବିରାବ ସବଦଶେ ଯାଏ ପୂରି,
ରସିକ ଯୁବକ ହୃଦେ ପ୍ରେମ ଯାଏ ଭରି । ୩୦ ।
ବାଇ ପକ୍ଷି ବିରଚିତ ଗୃହୁ କୀଡ଼ା ତତି
ତରୁ ଶାଖା ଅଗ୍ରେ ସଦା ଦୋହଲି ରାଜନ୍ତି । ୩୧ ।
ଗିରି ଉପତ୍ୟକା ଦେଶେ ପାଟ ପୋକ ଧାଡ଼ୀ
ଶୋଭା ପାଏ କି ସୁନ୍ଦର ଧୀର ଗତି କରି । ୩୨ ।
ଗୋବର୍ କେନାଟ ଅଦ୍ଧ ପତଙ୍ଗି ସଂହତି
ବସି ବର୍ଷାମଧ୍ୟେ ସୁଖେ ଡମ୍ଭ ଉଷମାନ୍ତି । ୩୩ ।
କାହିଁ ବା ସର ଲବଣୀ ମାଳ ବୃକ୍ଷପରି
ମଣ୍ଡନ୍ତି ପାଚିଲା ଫଳେ ତା ଶାଖା ନିକର । ୩୪ ।

କୁମାରୀଏ କର ଗାନ ଜାଣି ଓଷା ଖେଳେ
ମାତ ଥାନ୍ତି ମୋଦମନେ ପ୍ରତ ସାୟଂକାଳେ । ୩୫ ।

ଶରଦ ପୂର୍ଣ୍ଣଚନ୍ଦ୍ର

(ରାଗ ବଙ୍ଗଳାଶ୍ରୀ)

ଯାହାଙ୍କ କରଙ୍କ କିରଣ ଅବଳ
ମୁଦିତ ଚକୋରଙ୍କର
ଝୁଅଇ ଅମୃତ— ପାରଣ କରନ୍ତେ
ଆହା ସେ କେଡ଼େ ମଧୁର । ୧ ।
ଯା'କର ପରଶେ ନିରବଧି ହର୍ଷେ
ପ୍ରଫୁଲ୍ଲିତ କୁମୁଦ୍ୱତୀ,
କୈରବ-ନୟନ ମେଲାଇ ଷପାରେ
ଚାହିଁ ଥାଏ ନିଜ ପତି । ୨ ।
ଯାହାଙ୍କ ମୃଣାଳ— ବିଶଦ କୋମଳ-
ମଧୁର ମୟୂଖ ଜାଲ
ବିକସିତ ମନୋ— ହର ଶତ ଦଳ-
ଦଳର ପ୍ରଳୟ କାଳ । ୩ ।
ନିର୍ମଳ ଧବଳ କିରଣ ଯାହାର
ଆହ୍ଲାଦ ଚନ୍ଦନ ଲେପ
ଭରମ ଘଟାଏ ଷଣେଯାଏ ଚିତ୍ତେ
କି ଅଛି ତହିଁ ଆଳାପ । ୪ ।

ତରୁଣୀ ଜନର ପ୍ରସନ୍ନ ବଦନ
ପ୍ରଭ ପଦ୍ମ ଯା ମଣ୍ଡଳ
ଫୁଲ୍ଲିଲ ଭମିବେ— ଦଧି ସ୍ୱଚ୍ଛତାରେ
ଯା’କର କତକ ଫଳ । ୬ ।

"ସ୍ନେହ"

(ରାଗ-ବଙ୍ଗଳାଶ୍ରୀ)

ମାନବ ପ୍ରସନ୍ନ— ହୃଦ-ରତ୍ନାକର
ବହୁ ମୂଲ୍ୟ ଦ୍ରବ୍ୟ ମଣି
କେଡ଼େ ସୁମଧୁର ସ୍ନେହ ଏ ଜଗତେ
ଚିତ୍ତର ପ୍ରମୋଦ ଖଣି । ୧ ।
କେ କରି ପାରିବ ମହତ୍ତ୍ୱ କଳନା
ତା’ର ଏ ବ୍ରହ୍ମାଣ୍ଡେ ରହି
ସକଳ ଇନ୍ଦ୍ରିୟ ସନ୍ତୋଷ କରଣ
ବିଧି ସିନା ଜାଣେ ସେହି । ୨ ।
ଜଗତରେ ତା’ର ସମୁନ୍ନତ ତର
ଗୌରବ ପଦବୀ ଲଭି—
ପ୍ରାପ୍ତି ଅଧିକ’ରେ ନାହିଁ ନା କାହାର
ନଷ୍ଟେ ଶଙ୍କା ସମ୍ଭବ । ୩ ।
ଯଦ୍ଭ ପୁଷ୍ପାଦରେ ରହିଣ ସେ ସିନା
ଅତୁଳ ସୌରଭ୍ୟ ହୋଇ
ପ୍ରାଣିଙ୍କର ପ୍ରାଣ— ଇନ୍ଦ୍ରିୟ ସନ୍ତତେ
କରିଭୂକେ ସଂତର୍ପଇ । ୪ ।

ରଚନା ଦର୍ପଣେ ଶକତ ପ୍ରକାଶେ
ଯେଣୁ ସିନା ଏ ଜଗତେ,
ଭକ୍ଷ୍ୟ ଭୋଜ୍ୟ ଲେହ୍ୟ ପେୟାଦରେ ଥାଇ
ରୁଚତେ ଅନବରତେ । ୫ ।
ବିବିଧ ବସ୍ତୁର ମନୋହର ରୂପ,
ସୁଖଦ ଗନ୍ଧ ପରଶ,
ରମଣୀୟ ତମ ଶବଦ-ବିଭବ
ହୋଇ ବଢ଼ାଏ ହରଷ । ୬ ।
କରମ ଇନ୍ଦ୍ରିୟ— ଗଣର ମନୋଜ୍ଞ
କରମ ରୂପେ ବିଲସେ,
ପର ଅନୁଭୂତ ସୁଖ ଦୁଃଖ ଆଣି
ଭୋଗାଏ ପଲେ ସ୍ୱରସେ । ୭ ।
ବିଶ୍ୱ ମହୀୟ ପରମେଶ୍ୱରଙ୍କ
ସେ ସିନା ଐଶୀଶକତ,
ଯହିଁ ଥାଏ ଗୁପ୍ତେ ତହିଁ ବିକରେ
ଜନ ମନ ଲୋଭ ନତ ।
କାହିଁ ପଦ୍ମାକର କାହିଁ ଦିବାକର
ନାହିଁ ଉଭୟ ମିଳନ,
ସ୍ନେହ ବଳେ ସିନା ପଦ୍ମବନ୍ଧୁ ବୋଲି
ବୋଲନ୍ତି ଲୋକେ ତପନ । ୯ ।
ସେହି ବଳେ ସିନା ହୋଇ ବଳୀୟାନ
'କୁମୁଦ ବନ୍ଧୁ' ଏ ଶଶୀ
ସେହି ବଳେ ସିନା ଅବନ୍ଧ କରନ୍ତି
ଜଗତେ ବନ୍ଧୁତା ରଶି । ୧୦ ।

କେ ବୋଲାଏ ପିତା, କେ ବୋଲାଏ ମାତା
କେ ପୁଣି ବୋଲାଏ ସୁତ,
କେ ବୋଲାଏ ଭର୍ତ୍ତା, କେ ବୋଲାଏ ବଧୂ,
କେ ପୁଣି ବୋଲାଏ ମିତ । ୧୧ ।
ଅବ୍ୟକ୍ତ ମଧୁର ଶିଶୁ କଳାଲାପ
ସ୍ୱରୂପତା ବହି ସ୍ନେହ,
ଆମୋଦେ ଉତ୍ଫୁଲ୍ଲ କରଇ ନିରତ
ମାତା ପିତାଙ୍କର ଦେହ । ୧୨ ।
ଏତେ ସୁମଧୁର ନାହିଁ ନା ଜଗତେ
ଆଉ କେବଣ ପଦାର୍ଥ
ବାଞ୍ଛନୀୟ ସଦା ଅଟେ ମାନବଙ୍କ,
ତେଣେ ଏ ଜୀବନ ସାର୍ଥ । ୧୩ ।

ବଡ଼ ଗଛ

[ଛିଗ ମଙ୍ଗଳ]

ହେ ବଣାମ ବୃକ୍ଷ ! ଦେଇ ନିଜ ଛାୟା ଫଳ
ଯେ ପ୍ରାଣିଙ୍କୁ ତୁମ୍ଭେ ନିତ୍ୟ ନିତ୍ୟ ପ୍ରତିପାଳ । ୧ ।
ବିପଦ ସମୟେ କେହି ସମୀପେ ତୁମ୍ଭର
ରହିବେ କି ? ଭାବ ଚିତ୍ତେ ମହୀରୁହବର ! ୨ ।
ଯଦି ନ କରନ୍ତେ ଶସ୍ତ୍ରେ ତୁମ୍ଭଙ୍କୁ ଛେଦନ,
ହୁଅ ନ୍ତ ମାନବେ ତେବେ କୃତଜ୍ଞ ଭାଜନ । ୩ ।
ବୁଦ୍ଧିମନ୍ତ ନର କଥା କହି ତ ନୁହଇ,
ଅଜ୍ଞ ଅନ୍ୟ ପ୍ରାଣି କଥା ଦୂରେ ଥାଉ ରହି ।୪ ।

ବୃକ୍ଷବର ! ପଥିକଙ୍କ ସଙ୍ଗେ ଯେ ସଙ୍ଗତ,
ଭାବ ନାହିଁ ଆତ୍ମହିତ ବୋଲି ସେଥି ପ୍ରତ । ୫ ।
ସେ ତୁମ୍ଭର ରିପୁ ତାଙ୍କ ମଙ୍ଗଳ କାମନା,
ନ କର ନ କର ଆଉ ଅହେ ମହାମନା ! ୬ ।
ତୁମ୍ଭର ଆତ୍ମୀୟ ଯେବା ଭାବେ ତୁମ୍ଭ ଶୁଭ,
ନ ଛାଡ଼ଇ ତୁମ୍ଭ ପାଶ ଯେହ୍ନୁ ଏକ ଲବ । ୭ ।
ସେ ଶତ୍ରୁ ବଲ୍କଲ ମାତ୍ର ଅଟଇ ତୁମ୍ଭର,
ତୁମ୍ଭର ସାହାଯ୍ୟେ ତେଜେ ନିଜ କଳେବର । ୮ ।
ହୁଏ ତୁମ୍ଭ ଅଙ୍ଗେ ଯେବେ କୁଠାର ଆଘାତ,
ପ୍ରଥମେ ସେ ସିନା ତାହା ସହଇ ନିଶ୍ଚିତ । ୯ ।
ଜାଣି ଥାଅ ନିଶ୍ଚେ ବର୍ଣ୍ଣେଛନ୍ତି ଆତ୍ମପର,
ମଙ୍ଗଳ ଆଶାରେ ତାହା ବୃଦ୍ଧି କାର୍ଯ୍ୟ କର । ୧୦ ।

ମହୋଦଧି ତୀରେ ପୂର୍ଣ୍ଣିମା ନିଶି

(ରାଗ-ଅଷାଢ଼ ଶୁକ୍ଳ)

ମହୋଦଧି ତୀରେ ପୂର୍ଣ୍ଣିମା ନିଶି
ସୁଧାକର ଦେବ ପ୍ରାଣ ମହିଷୀ
ଚନ୍ଦ୍ରିକା କପଟ କର୍ପୂର ରଜ
ଲେପି ତହିଁ, ଉର୍ମି-ଶିତନୀରଜ-
ସ୍ରଜ ସମୁଚ୍ଚୟେ
ଧୂର୍ଜ୍ଜବ ପ୍ରକୃତ ଦେବୀ ନିଶ୍ଚୟେ ।

(୨)

ମହୋଦଧି ତୀରେ ପୂର୍ଣ୍ଣିମା ନିଶି
ଆନନ୍ଦେ ହସିଲା ପଶ୍ଚେ ଦିଶି
ଦର୍ଶକ ମାନସ ଆମୋଦ ରସେ
ମଜ୍ଜାଇ ହସାଏ ଅତି ରଭସେ
ଆହା କି ସୁନ୍ଦର
ରଚେ ଆହ୍ଲାଦନ ପ୍ରାଣିଗଣର ।

(୩)

ପର୍ବତ ଆଘାତେ କଲ୍ଲୋଳ ମାଳା
ହୁଅନ୍ତେ ଉତ୍କ୍ଷିପ୍ତ ପୁଣି ବିଶାଳା
ପ୍ରକାଣ୍ଡ ବିଶଦ-କୁସୁମାବଳି—
ଅଞ୍ଜଳି ଅର୍ପଣ କରିବା ଭଳି
କବିଦର୍ଶନରେ
ଏହି ବିବେଚନା ହୁଏ ହୃଦରେ ।

(୪)

ବିବିଧ ବରନ ଶ୍ୟାମୁକତତି
ରୁଚିର ବାଲୁକା-ରତ୍ନସଂହତି
ରାଜମାନ ତଟଦେଶ କୈତବେ
ବସ୍ତ୍ର ଉପହାର ରଖି ବିଭବେ
ପାଦ୍ୟ ଅର୍ଘ୍ୟ ଛଳେ
ଇନ୍ଦୁ-ଶଙ୍ଖରୁ କି ଅମୃତ ଝରେ ?

(୫)

ଦୂରୁ ଦୃଷ୍ଟିପାତ କଲେ ସାଗର—
ଲହରୀ ବିଭଙ୍ଗ ସୁମନୋହର

ରଜତ ସୋପାନ ଶୋଭା ସମ୍ପତ୍ତି
ହର ଥିଲାପର ହୁଅଇ ମତ୍ତ,
କିବା ହିଂହାସନ
ରଚନା ପ୍ରୟାସେ କରେ ଯତନ ?

ବିପନ୍ନ

ସୁଧାକର ! ବାସଯୋଗ୍ୟ ଦେଖି ରତ୍ନାକର,
ତା ଅନ୍ତରେ ବିରଚିଲ ସୁଖେ ନିଜ ଘର ।
କରାଳ ବଡ଼ବାନଳ ଜ୍ୱାଳା ଜଳଧରେ,
ସହି ନ ପାରି, ସେ ବାସ ତେଜିଲ ଅଚିରେ ।
କେତେ ଦିନେ ସୁଖ ସ୍ଥାନ ଖୋଜି ଖୋଜି ଶେଷେ,
ଆଶ୍ରିଥିଲ ମୃତ୍ୟୁଞ୍ଜୟ ପୂତ ଶିରଦେଶେ ।
ତହିଁ ତାଙ୍କ ନେତ୍ରାନଳେ ହୋଇ ସନ୍ତାପିତ,
ଭୟେ ବିଷ୍ଣୁ ପଦେ କଲ ସଉଧ ନିର୍ମିତ ।
ରାହୁ ମୁଖେ ତହିଁ ପୁଣି ହେଲ କବଳିତ,
ସର୍ବତ୍ର ବିପନ୍ନ ସିନା ସୁଭାଗ୍ୟ ରହିତ ।

ନିର୍ଦ୍ଦୟ ମେଘ

ରେ ଜଳଦ ! ତୁ କାହିଁକି ବନ୍ଧୁ ଗର୍ବ ମନେ,
ନୀଚ-ସଞ୍ଚିତ କେତେକ ଜଳବନ୍ଦୁ ଧନେ ।
ମୁଖରତା ମାତ୍ର ତୋର ଏଣୁଁ ପ୍ରକାଶଇ,
ମୁଖରର ସମୁନ୍ନତି କେବେ ନ ହୁଅଇ ।
ଦେଇ ସ୍ୱଳ୍ପ ଅମ୍ବୁ-ଧନ ତୋର ମନେ ଗର୍ବ,
ହେଉ ଅଛୁ ଆବର୍ଭାବ, ନ ବୁଝୁଛୁ ଖର୍ବ !
ହେଉଥିଲେ ବନ୍ଧୁ ଜଳ କି ନୁହନ୍ତା ପାଟି;
ଗରଜି ଗରଜି ପେଟ ଯାଆନ୍ତାଣି ଫାଟି ।
ସେ ଅପାର ପାରାବାର ରହିଅଛି ଧର୍ମ୍ମେ,
ତା ଧୈର୍ଯ୍ୟ ବିନ୍ଦେକ ରହି ନିଜକାର୍ଯ୍ୟ କର୍ମ୍ମେ ।

ଶ୍ୱେତ ଶତଦଳ ପଦ୍ମ

ଅମ୍ବର-ବିପଣି ମଧ୍ୟେ ପ୍ରଭାତ-ବଣିକ
ପ୍ରସାରିତ ଦିନକର-ଅପୂର୍ବ ମାଣିକ ।
କିଣିବାକୁ ତାହା ପର ସ୍ୱଚ୍ଛ-ସରୋବର
ବଢ଼ାଇଛି ଶିରନଥ ଶତଦଳ-କର ।
ଶତଦଳ ପୁଣ୍ଡରୀକ ଦିଶୁ କି ସୁନ୍ଦର
ଦର୍ଶନେ ହରୁଛି ଜନ ସନ୍ତାପ ନିକର !
ଦିନକେ କିରଣ ଶତ ଗଣିବା ମାନସେ
ତବ ଶତ ସଂଖ୍ୟା ଦଳ ଆନନ୍ଦେ ବିକଶେ ।

ଦଶ ଦିନେ ତପନଙ୍କ ଦଶଶତ କର
ଗଣନା ପୂରଣ କରି ଏହାହିଁ ନକର ।
ନୋହିଲେ କିପାଇଁ ତବ ସଉରଭ ଜାଲ
ଦଶ ଦିନ ଯାଏ ମୋଦେ ଦିଶ ଅନ୍ତରାଲ ।
ତୁମ୍ଭ ଯୋଗୁଁ ସରୋବର ଅଙ୍କ ପଦ୍ମାକର
ପ୍ରମୋଦେ ଦିଶଇ ଅହା କେଡ଼େ ମନୋହର ।
ସଉରଭବାଞ୍ଛା ତବ ଅନିଲ ଜଗତେ
ନୁଅଇ ପୂଜିତ ଜନ ମଧରେ ନିଶ୍ଚିତେ ।
ଅଶେଷ ସୁଗୁଣବନ୍ତ ଶ୍ୱେତ ଶତଦଳ
କବିବର ମୁଖେ ବର୍ଣ୍ଣ୍ୟ ତୋ ଗୁଣପଟଳ ।
ମୁହିଁ ତବ ବର୍ଣ୍ଣନାରେ ଅଟେ ଅଶକତ
କ୍ଷମିବ ସାହସ ମୋର ତୁମ୍ଭେ ତ ଉନ୍ନତ ।

ପୋଷା ସାପ

ପୋଷିଥିଲି ସାପ ତୋତେ କେତେ ସମାଦରେ,
ଶିଶୁ କାଳୁଁ ନିରବଧି ଅତ୍ୟନ୍ତ ଯତ୍ନରେ । ୧ ।
ସୁମଧୁର ଖଣ୍ଡ-କ୍ଷୀର କରାଏ ଭୋଜନ,
କରାଏ ପ୍ରତ୍ୟହ ପୁଣି ପଲ୍ୟଙ୍କେ ଶୟନ । ୨ ।
ଭୀକର-ନକୁଳ ଆଉ ବର୍ହି ଆଦି ଅରି —
ସ୍ୱାଧ୍ୱସରୁ ବଞ୍ଚାଏ ମୁଁ ବହୁ ଚେଷ୍ଟା କରି । ୩ ।
ମୋ ପାଳିତ ବୋଲି ଜନେ ତୋପ୍ରତି ଗୌରବ—
କରୁ ଥାନ୍ତି ତେଣୁ ଭୟୁ ତୋ ଗରଳ ଭବ । ୪ ।

ଶୁକ, ପିକ, ଶାରି ଆଦି ସହୋଦର ଭାବ,
ରଖି ଭ୍ରାତୃ ସମ୍ବୋଧନ କରୁଥାନ୍ତି ସବ । ୫ ।
ହେଉ ଥିଲି ତୋତେ ଦେଖି ମୋର ମନେ ମନେ,
ପବିତ୍ର ଜୀବନ ଏହି 'ହରି-ପଦାଙ୍କନେ । ୬ ।
ଯହିଁ ଯାର ସୌନ୍ଦର୍ଯ୍ୟ ତହିଁ ରହେ ଗୁଣ,
ଏ ନୀତି ତୋଠାରେ ଏବେ ହେଲା ଅବଗୁଣ । ୭ ।
କେତେ ଆଶା ପରିପୁଷ୍ଟି ଲଭୁଥିଲି ତୋରେ,
ତୋ ଦର୍ଶନେ ଅକିଂଚନେ ଧନଲବ୍ଧ ମୋରେ ।୮ ।
କାହିଁ ଗଲା ସେ ବିଶ୍ୱାସ ଆବର ମମତା,
ଅନଳ ସଦୃଶ ତୋର ଏ କି ବୁଦ୍ଧିମତ୍ତା । ୯
ଆଧାର ଉଚ୍ଛେଦ ଗୁଣ ନ ଛାଡ଼ିଲୁ କେବେ—
ନିଜ ଭଲ ମନ୍ଦ ନିଜେ ନ ଜାଣୁ ତୁ ଏବେ । ୧୦ ।
ଗୁଣ ଦୋଷ ଯେ ନ ଚିହ୍ନି କରଇ ସମ୍ପର୍କ,
ନାଶ ତାର ସୁନିଶ୍ଚିତ; ଏ ସୁଜନ ତର୍କ । ୧୧ ।
ବିଷମ ବିଷାଦ କରି-ଗରଳ ବମନ,
କିପାଁ କରୁ ଅହରହ ନୁହେ ଭଲ ପଣ । ୧୨ ।
ଯାର ଗ୍ରହେ ସାରସର ବୁଦ୍ଧି ଗାଢ଼ାକାର,
ଜଳୌକା ପାଇଲେ ଛିଦ୍ର ସଞ୍ଚଇ ଅପାର । ୧୩ ।

ପ୍ରାର୍ଥନା

(ରାଗ-ଚକ୍ରକେଳି ।)

ଶରଣ ଆଶ୍ରୟ ହେ କୃପାମୟ
ଅବ୍ୟକ୍ତ ଅକ୍ଷର ! ଦିଅ ଅଭୟ । ୧ ।

ଶିବ ନିର୍ବିକାର ଲୋକକାରଣ
ଦେବ ! ମୋର ଦୁଃଖ କର ବାରଣ । ୨ ।

ଅନାଦି ମହତ ପ୍ରଭୋ ଅନନ୍ତ
ନିରଞ୍ଜନ ! ଜ୍ଞାନ ଦିଅ ସନ୍ତତ । ୩ ।

ଜଗତ ବନ୍ଦନ ହେ ବିଶ୍ୱମ୍ଭର !
ଏହି ଦୀନପ୍ରତି କରୁଣା କର । ୪ ।

ଅଶିଷ୍ଟ ନିଗ୍ରହି ସାଧୁ ପାଳକ !
ହୁଅ ମୋର ସଦା ପରିଚାଳକ । ୫ ।

ମଙ୍ଗଳ ଆକର ସଚ୍ଚିଦାନନ୍ଦ !
ଅବିରତେ ମୋର କର ଆନନ୍ଦ । ୬ ।

ଭୁବନ ଈଶ୍ୱର ଅଖିଳପତି !
ଦିଅ ମୋତେ ତୁମ୍ଭ ଚିର ଭକତି । ୭ ।

ବ୍ରହ୍ମାଣ୍ଡ କାରଣ ବ୍ରହ୍ମ ପଦାର୍ଥ !
କର ଅନୁଗ୍ରହ ପରମ ଅର୍ଥ । ୮ ।

ସତ୍ୟ ତତ୍ତ୍ୱରୂପ ହେ ସନାତନ !
ସକଳ ମଙ୍ଗଳ କର ଅର୍ପଣ । ୯ ।

ଦିବ୍ୟ-ଦେହଧର କରୁଣାକର !
ଦେଇ ତୁମ୍ଭ ସ୍ମୃତି ପବିତ୍ର କର । ୧୦ ।

ସତୀର ଅନ୍ତିମ ଚିନ୍ତା ।

(ସଂଯୁକ୍ତା)

(ରାଗ— ମଙ୍ଗଳ)

"ପ୍ରଜ୍ୱଳିତ ବୈଶ୍ୱାନର ଦ୍ୱିଜ ଗୁରୁବନ୍ଧି !
ତୁମ୍ଭ ଆଗେ ଉଭା ଆଜ କ୍ଷତ୍ରିୟ ରମଣୀ ।

ହେ ପ୍ରଭୋ ! ସର୍ବଦର୍ଶୀ ତୁମ୍ଭେ ଏ ଜଗତେ,
ଚରାଚର— ସୃଷ୍ଟିସ୍ଥିତି ତୁମ୍ଭର ନିମନ୍ତେ;

ଯୁଗେ ଯୁଗେ ମର୍ତ୍ତ୍ୟ ଭୋଗେ ଆହେ ସର୍ବ ଶ୍ରୁତ ।
ତବ କୋଳେ ଆଶ୍ରା ନେବା ସଦା ସତୀ ରୁତ,

ବାଲ ଭାନୁ ନିଭ ତବ କ୍ରୋଡ଼ ନିକଷରେ
ସୀତାଙ୍କ ସୁକାନ୍ତି-ସୁନା ମାର୍ଜିତ ହେଥାରେ;

ରମଣୀ ଲଲାମଭୂତା କେତେ ଆର୍ଯ୍ୟ ବାଳା
ତୁମ୍ଭ ଯୋଗୁଁ ଲଭିଛନ୍ତି ଯଶୋରତ୍ନମାଳା;

ଭାରତର ଭାଗ୍ୟ-ରବି ଆଜି ଅସ୍ତମିତ,
ଆଜି ଏହି ପୁଣ୍ୟ ଭୂମି ମ୍ଲେଚ୍ଛ କବଳିତ,

ଆଜି ଆର୍ଯ୍ୟ ଦେବ ଦେବୀ ହେଲେ ତିରୋହିତ,
ବୀରତ୍ୱ ବ୍ରହ୍ମତ୍ୱ ଆଜି ଚିର ନିର୍ବାସିତ ।

କି ଆଶା ମାନସେ ପୋଷି ରହିବ ମୁଁ ଆଉ ?
ଅସହ୍ୟ ଜଘନ୍ୟ ପରାଧୀନତାର ଦାଉ;

ଆଜି ଉଚ୍ଛ୍ୱସିତେ ସ୍ଫୁର ଉଠୁଛି ହୃଦୟେ,
ଅଙ୍କେ ଅଙ୍କେ ଜୀବନର ଗତ ଅଭିନୟେ,

କେତେ ଦୁଃଖ କେତେ ସୁଖ ମାନ ଅପମାନ,
ଘଟୁଛୁ ଯା ବିଧାତାର ଅଲଙ୍ଘ୍ୟ ବିଧାନ ।
*ତ୍ରିଂଶଲକ୍ଷ ଅଶ୍ୱାରୋହୀ ସମର ନିପୁଣ,
ମତଙ୍ଗଜ ଲକ୍ଷେ, ଦଶ ଲକ୍ଷ ପତ୍ତି ପୁଣ;
ଯାହାଙ୍କ ଆଜ୍ଞା ପାଳନେ ତତ୍ପର କର,
ସୋମବଂଶ– ଅବତଂଶ ବୀରଧୁରନ୍ଧର,
ଉତ୍କଳ-ଅବନୀଧବ †ଶ୍ରୀ ମୁକୁନ୍ଦ ଦେବ,
ସକଳ ସଦ୍‌ଗୁଣନିଧି ସେବ ଦେବ ଦେବ;
ଜଲବେଣୀ ରମ୍ୟା ମଞ୍ଜୁନାଦୀ ଚନ୍ଦ୍ରୋଜ୍ଜ୍ୱଳା
ପିନ୍ଧିଛୁ ଯା ଯଶଃ ପୂତ ମଞ୍ଜୁଳ ମେଖଳା,

---

* (ସମୁଦ୍ର କନାରେକେସରୀ ମୁକୁନ୍ଦଦେବ ସୋମବଂଶୀୟ ଉଜୟପାଲକେ ଅପଣା ପୁତ୍ରୀ ଦେଲା)

ସୋମବଂଶ ସଜାଧି ସଜ । ମୁକୁନ୍ଦଦେବ ପ୍ରଭୁ
ସରିଚ ସମୁଦ୍ର ସୁଚଃହ । କଃକମଦ୍ଧ ମଣ୍ଟ ନୃପୁଜ ନଭ୍ର ।
ଟଃଶଲକ୍ଷ୍ମ ଘୋଷାର । ଲକ୍ଷ୍ମଗେମ୍ବର ଗଲଗଳ୍ପହଂ ।
ଦସହଲଷ୍ଟ ପଦ୍ପଦଳ । ପ୍ରଲଭ ଦସ ଛତ୍ରଚ ରଜ୍ପହଂ ।
ଯବ ଋତସ ସୁଢ ମନ୍ତ୍ରହ ଛପଚ । ଜଗନ୍ନାଥ ପ୍ରଜଚ ହନହ ।
ଦସ୍ରଜସ୍ଯ କରଜ ଉଜୟପାଲ ନୃପ । ସପଚ କୋସ ଉଚ୍ଛୋଧନହ ।୧୦୧ ।

ପୃଥ୍ୱୀସଜସଂସୋ-୧୨୪୫ପୃଷ୍ଠା ।

†କେଶରୀ ବଂଶର ରାଜା ସ୍ୱର୍ଣ୍ଣକେଶରୀ ମୁକୁନ୍ଦ ଦେବ ।

ଯହିଁ ବାତାୟନେ ବାମା-ଗଣେ ତାଙ୍କ ରୁଚ
ଦେଖାଏ ଚନ୍ଦ୍ରିକା ବକ୍ଷେ ବାତ ଧୂତ ଖାଚ;
ହାଟକ ଝଟକ ଶିଖ ବିପଣି ମଣ୍ଡିତ
ରୁଚର କଣ୍ଟକ ଯାର କଣ୍ଟକେ ପ୍ରଥିତ,
ସେହି ଉତ୍କଳେଶ ମୋର ଥିଲେ ମାତାମହ,
ଯାହାଙ୍କର ସ୍ନେହ ମନେ ପଡ଼େ ଅହରହ ।
ଶୁଣିଛୁ ଜନନୀ ମୁଖୁଁ ଜୟ ଧୁରନ୍ଧର
✻ ଶ୍ରୀବିଜୟ ପାଳ ଖାର ପିତାମହ ମୋର
ପୂର୍ବନଗ ଅତିକ୍ରମି ଦିଗ୍‌ବିଜୟ ଆଶେ
ଯାଇଥିଲେ ଦକ୍ଷିଣକୁ ଅଟଳ ସାହସେ,
ସହ୍ୟଶୈଳ ଲଙ୍ଘି ପୂର୍ବେ ରାଘବ ସେତୁରେ
ଶିରପିଣ୍ଡେ ଯହିଁ ସିନ୍ଧୁ ଅପମାନ ଭରେ,

✻ (କନୌଜରେ ରାଜା ବିଜୟ-ପାଳଙ୍କ ଦକ୍ଷିଣ ଦେଶାପର ଚଢ଼ାଇ କରନା)
କନକକୁତ ଧାମ ଧନ୍ଧ । ରାଜବିଜୟପାଳ ଭୂଜବର ।
ହୟଗଜନର ବର ଶ୍ରୀର । ସକଳ କୀର୍ତ୍ତି ସେନ ଭରପୂର ।
ବୀର ଧୀରବର ସଙ୍ଗ । ଘୋର ଉଦାର ମହାମତ ।
ମତ୍ତରାମ ତିରୁବଦ୍ୟ । କୀର୍ତ୍ତିରଂ-ମାଧ୍ୟ ରାଜରଥ ।
ସଂତଲେଖୀ ସେନବନେଜିନର । ସକଳ ଜୀତ ଉର ରାଜଧର,
ମୁର ବସ୍ୟ ଦସ୍ୟ ନୃପ ସଙ୍ଗ ଜୟ । କନୌଦେଶ ଦକ୍ଷିଣ ପ୍ରଧର ॥ ୨୦୧ ।
ପୃଥ୍ୱୀରାଜରାସୋ ୧୬୫୫ପୃଷ୍ଠା

† ସେକାଳେ ଉତ୍କଳ ପତି ମୈତ୍ରୀ ଅରଜନେ
ଅର୍ପି ଥିଲେ ଯାଙ୍କ କରେ ସ୍ୱକନ୍ୟା ରତନେ,
ଲଭି ସେ କନ୍ୟାକୁ ସ୍ନେହେ ପିତାମହ ମୋର
ପାଳିଲେ ଯତନ କରି ପ୍ରାଣରୁ ଆଦର,
ସେ କନ୍ୟାକୁ ରାଜପୁତ୍ର ଜୟଚନ୍ଦ୍ର ଖାରେ
ଅର୍ପିଲେ ଯଥା କାଳେ ବିବାହ ବିଧିରେ ।
ମନ୍ଦର ମୌଳି-ଉତ୍କଳ-ବିମଳ-ଚନ୍ଦ୍ରିକା,
ରାଠୋର-ନାଗଣୀକୁଳ-ବନ୍ଦନୀୟ ଟୀକା
ମାତା ମୋର, ତାର ସ୍ନେହ ସିକ୍ତ ସୁଯତନେ
ଲଭି ନାହିଁ କେତେ ସୁଖ ଶୈଶବ ଜୀବନେ !
ହାୟ ରେ ଯୌବନ କାଳ ! ବିଷମ ବାସନା
ଅସାଧ୍ୟ ସାଧନା ଅର୍ଥେ କଲା ପ୍ରବର୍ତ୍ତନା;

---

† (ମୁକୁନ୍ଦ ଦେବ କା ପୁତ୍ରିକା ଜୟ ଚଦକେ ସାଥ ବିବାହ ହୋନା ।)
ଅଥ ଅପର ଅପରସ୍ୟ । ସହସ ଦସଦାନ ଗଯଂ ଦନ୍ତ ।
ଧଚ ଅସଂଖ ଗଜ ମୁତ୍ତ । ରତନ ଘଟ ସମୁନ୍ଦ ମନ୍ଧନ୍ତ ।
ସୋମବଂଶ ରକବଂଡ । ବୋହୃପମ ପାଟ ପଟମ୍ବର ।
ଦୟ ପୁତ୍ରି ସୁବିଶାଲ । ଦାସୀ ସେ ସବ୍ ଅଡମ୍ବର ।
ପରଣୀ ସୁପୁତ୍ର ଜୟଚନ୍ଦ ଦଷି । ସୁ ଭ୍ରକୁନ୍ଦାରସ୍ୟ ଅପରଗ ।
ବରସ ବରପଞ୍ଚ ତମଣ ଦନଦ୍ଧ । ପାଜ ସ୍ତଦ୍ଧନ ଉତ୍ତମ କରିଗ ।୧୦୩।
ଅତସୁଲଲତ ସରୂପ ବସ୍ୟ । ଉମଦ୍ଧତ ସଜନ ସଂଗ ।
ଉକ୍ତଥାର ଲେକ୍ଷନ କରହୁଂ । ଅବ ସୁଷନ୍ତ-ପଢ ପ୍ରସଂଗ ।୧୦୪।

ପୃଥ୍ୱୀରାଜରାସୋ—୧୬୪୪ପୃଷ୍ଠା ।

ପିତାଙ୍କ ଭ୍ରୂକୁଟି ଲଙ୍ଘି, ଲଙ୍ଘି ଗୁରୁଜନ,
ଲଙ୍ଘି ସଙ୍ଗ ସଖୀଙ୍କର ନିଷେଧ ବଚନ,
ନିଦାମ୍ଳାନ ଜନନୀଙ୍କ ବାକ୍ୟ ତୁଚ୍ଛ କରି,
ଗୌରବ ମସୃ ରାଠୋରକୁଳ ପରିହରି,
ଯବନ-ପ୍ରତିଦ୍ୱନ୍ଦ୍ୱୀ ପରାକ୍ରମ ଶୁଣି
ଉତ୍ଫୁଲ୍ଲ ଯେଣୁ ମୋର ମନ ତାହା ଗୁଣି ।
ଦେଲି ବରମାଳା ପୃଥୁ ପ୍ରତିମାର ଗଳେ,
ତହୁଁ ଆରମ୍ଭିତେ ପୁଣି ବିଷମ ଗହଳେ
ପତିର ବୀରତ୍ୱ ଗର୍ବ ବିଶାଳ ଭୁଜରେ
ଆଣି ନେଲେ ସୁଭଦ୍ରାଙ୍କୁ ସୁମତି ଅନ୍ତରେ ।
ଦନ୍ତାଳିକା ଶୋଭାଇଣ ଗ୍ରୀବା ବଙ୍କ କରି
ଉତ୍ତୁଙ୍ଗ ତୁରଙ୍ଗବର ଗଲା ଦିଲ୍ଲୀପୁରୀ ।
ବେନିଙ୍କୁ ପୃଷ୍ଠରେ ବହି ପବନ ବେଗରେ,
ଲାଗିଲା ବିଷମ ରଣ ଏଣେ ଖରତରେ ।
ବୀରଙ୍କର ଜନ୍ମଭୂମି ଭାରତ ଭୁବନ,
ଏ ଦିଲ୍ଲୀ ନଗରୀ ତାର ମସ୍ତକ ଭୂଷଣ,
ଯହିଁ ବୀରାଙ୍ଗନା ଅଙ୍ଗଶୋଭା ବିବର୍ଦ୍ଧିନୀ
ଯା'ନ୍ତି ବହି କଳକଳେ ତପନ-ନନ୍ଦିନୀ ।
ଭାରତ ସମ୍ରାଟ ସେହି ଦିଲ୍ଲୀଶ୍ୱରଙ୍କର
ଥିଲି ଅଙ୍କଲକ୍ଷ୍ମୀ ମୁହିଁ ଅତି ଆଦରର,
ମୋତେ ଆଜ ବିଧିବାମ ହୋଇଛି ନିଷ୍ଠୁର,
ଉଣାକଲେ ଇଷ୍ଟଦେବୀ *କରୁଣା ନିଚୟ,

* ଅନ୍ନପୂର୍ଣ୍ଣା ।

ଅଶୀଲକ୍ଷ ସେନା ସହ ମୋ ଜନକ ବଂଶ,
ଆବର ସମସ୍ତ ପତିକୁଳ ହେଲେ ଧ୍ୱଂସ,
ବିଧ୍ୱସ୍ତ ମାତୁଳଙ୍କର କୁଳ ମହାବଳ,
ଆର୍ଯ୍ୟଭୂମି କ୍ଷାତ୍ର ଶକ୍ତି ହେଲାରେ ଦୁର୍ବଳ;
ଭାରତର ଚିରନ୍ତନ ଗୌରବ-ତପନ
ଅସ୍ତ ହେଲେ, ଅଶୋଭିତ ଭାରତ-ଗଗନ,
କ୍ଷତ୍ରିୟ ରୁଧିରେ ରକ୍ତ ହଦେ ଏ ଧରଣୀ,
ପୁଣ ରକ୍ତ ଲେପେ ଅବା ଧରା ଉନ୍ମାଦିନୀ !
ସୌଭାଗ୍ୟ-ସାମ୍ରାଜ୍ୟ-ହୀନ ପୁଣି ଅଭୂଷଣା,
ହାୟ ! ହାୟ ! ଏହା ବିନା ମାତାର ଲାଞ୍ଛନା !
ହୃଦୟ ବିଦାରି ନୋହୁ ରହନ୍ତି କପାଇଁ,
ବସୁମତୀ କାହିଁକି ବା ଫାଟିଯାଉ ନାହିଁ ?
ଅପବିତ୍ର ମ୍ଳେଚ୍ଛାଧମ ଯବନ ଗଣର
ଅଧୀନ ହୋଇଲା ପୁଣ୍ୟ ଭାରତ ଏଥର !
ପୂଜନୀୟ ପିତୃଦେବ ! କଲ କି କୁକର୍ମ,
'ଘୋର' ଆମନ୍ତ୍ରଣେ କଲ କପାଇଁ ଅଧର୍ମ;
ଶତ୍ରୁ ସାଧିବାରେ ଥିଲା ଯଦ୍ୟପି ବାସନା,
କରଥାନ୍ତ ଦେଶୀୟଙ୍କ ଅହ୍ୱାନ ଭାବନା ।
କି ହେବ ସେ କଥା ଆଉ ଭାବିଲେ ହୃଦୟେ,
ସହଗଲା ଶିଖା ତୁଲେ ଭାରତ କଷ୍ଟୟେ ।
ପବିତ୍ର କ୍ଷତ୍ରିୟ କୁଳନାରୀ-କେଶ ଲବ,
ରେ ଯବନ ! ନୁହେ ତୋର ଦର୍ଶନ ସମ୍ଭବ;
ପ୍ରାଣନାଥ ! ମାତୃଭୂମି ଲାଗି ରଣାଙ୍ଗଣେ
ପ୍ରାଣାର୍ପଣ କରିଗୁମେ କ୍ଷାତ୍ରୋଚିତପଣେ

ବାହୁବଳ ମହାବାହୁ ! ନରମଧ୍ୟ ଧାମେ,
ଗମୁଅଛୁ ତହିଁ ତବ ସମ୍ମିଳନ କାମେ ।
ହଅ ମା ମେଲାଣି ମୋରେ ଯିବ ନିତ୍ୟାଳୟ,
ଯହିଁଛନ୍ତି ପତି ମୋର ସର୍ବ ସୁଖାଶ୍ରୟ;
'ବିଶ୍ୱାସ ଘାତକ ପଣ' ଦେଖ ରେ ଯବନ,
ଅଳ୍ପକାଳେ ହେଉ ତୋର ରାଜତ୍ୱ ପତନ !'
ଏତେ ବୋଲି ଆର୍ଯ୍ୟବାଳା ପ୍ରଫୁଲ୍ଲ ବଦନେ
ଡେଇଁ ଆରୋହିତେ ଅଗ୍ନିମଧ୍ୟ ସିଂହାସନେ
ଶାଶ୍ୱତ ବିଶ୍ୱର ଭୂମା-ମୂର୍ତ୍ତି ମନେ ଧ୍ୟାୟି,
ପ୍ରେମମୟ ପତିମୂର୍ତ୍ତି ହୃଦରେ ସମ୍ଭାଳି
ସକଳ ସନ୍ତାପ ନାଶି ଶାଶ୍ୱତ ଶକ୍ତିର
ଆଲିଙ୍ଗନେ ସିଦ୍ଧହେଲା ବାସନା ସତୀର ।
କନକ-ସୁନ୍ଦର ରୂପ ହେଲା ପ୍ରଭା ମୟ,
ଜ୍ୱଳନ ଗରଭେ ବାଳା ଭଜିଲା ବିଳୟ ।

ଦାବାନଳ ।

(ରାଗ— ମଙ୍ଗଳ)

ଅହା କି ସୁନ୍ଦର ରାଜେ ରାତ୍ରେ ଦାବାନଳ
ଦୂରସ୍ଥିତ ମାନବଙ୍କ ଆମୋଦର ସ୍ଥଳ ।
ଅଭ୍ରଂକଷ ବସୁନ୍ଧରା ଧର ଚୂଳାଙ୍କିତ
ବସୁଧାଧିପତି କିବା ମୁକୁଟେ ମଣ୍ଡିତ ?
କି ଅବା ପୀତ ଉଷ୍ଣୀଷ ରାଜ-ମାନ ଶିର
ଶିରକ ପ୍ରକୃତି ଅର୍ଚ୍ଚା କାମନାରେ ଧୀର ?
ଲେଲିହାନ ଶିଖାକୂଟ ଦୂରୁଁ ଶୋଭମାନ
ରତନ ଖଚିତ ସ୍ୱର୍ଣ୍ଣ ଟୋପର ସମାନ,
ଦୂରତର ଗିରିମାଳ ଶିଖର ଶୋଭଇ
ଦର୍ଶକ ନୟନ ମନ ରଭସେ ହରଇ ।
କି ଅବା ଜନତା ଶାନ୍ତି ସଙ୍କଳ୍ପେ ତାପସ—
ହୁତାନଳ ପୂର୍ଣ୍ଣାହୁତି ଲଭନ୍ତି ସରସ ?
ପ୍ରାଚୀନ ଧରଣେ ଗ୍ରୀଷ୍ମ ଆଜ୍ଞା କି ନିତାନ୍ତ
ସବଂଶ ପ୍ରଶ୍ନର ପାଇଁ ବଜୟ ବୃତ୍ତାନ୍ତ,
ଅଦ୍ରି ଶୃଙ୍ଗ ନିଚୟରେ ପାବକ ଦୀପନ
କାର୍ଯ୍ୟରେ ଲଗାଇଛନ୍ତି ଗ୍ରୀଷ୍ମଙ୍କୁ ବନ୍ଧନ ?
ଅନୁକୂଳ ସମୀରଣ ସହାୟତା ପାଇ
ମାତିଛି ନୃପତି ଆଜ୍ଞା ପାଳିବାର ପାଇଁ ।
ଯକ୍ଷ ଭୂପ ଚନ୍ଦ୍ରଶାଳା ରଜନୀ ରଞ୍ଜନ
ଦ୍ୱିଜାତିଙ୍କ ବନବାସୀ ଦେବ ନିରଞ୍ଜନ

ଅଶେଷ ପର୍ବତର ନାମରେ ଭାରତେ
ବ୍ୟାପିଛି କୀରତ୍ତି ଶୁଭ୍ର ଡମ୍ବର ନରତେ
ଶାବର ଯକ୍ଷୀପ୍ସୁ ଭୂରେ ଆଜ୍ଞ ପୂଜା ପାଇ
ଖେଳୁଅଛ ଆମୋଦରେ ହୃଦେ ଦୁଃଖନାହିଁ ।
ପାଶ୍ଚାତ୍ୟ ପାବକଚ୍ଛଟା ଉତ୍ତୋଳିତ ଶିର
ଗିରିବର ସନ୍ଦର୍ଶନେ ଭାରତ ଅସ୍ଥିର,
ଜନେ ସୁସଭ୍ୟତା ଆଜ କରିବ ଅର୍ଜନ
ଏଥିପାଇଁ ବହ୍ନିଚିର ଧରିଚ ଶୋଭନ ।
ସ୍ଫୁଲିଙ୍ଗ କି ବକ୍ଷପ୍ରଦେ ଦ୍ୱୋଇଣ ଅଙ୍କିତ
କରାଉଛି ପାବକର ମହତ୍ତ୍ୱ ମହିତ ?
ଲଙ୍କାଦାହ ନାଟକ କି ଆଜି ରଣମଞ୍ଚ —
ରଙ୍ଗସ୍ଥଳେ ଋଭୁବୀର କରିଚ ପ୍ରପଞ୍ଚ ?

ଶକୁନ୍ତଳାଙ୍କ ପତ୍ର

(ସ୍ୱର— ମଙ୍ଗଳ)

ରାଜ ରାଜେଶ୍ୱର ଦେବ ! ମୁହିଁ ଅଭାଜନ
କି ରୂପେ ସମ୍ମୁଖେ ଦୁଃଖ କରିବି ଜ୍ଞାପନ ।୧।
ନବୀନ-ମୁକୁଳ-କୁଳ ଶୋଭିତ ପାଦପେ
ଶୋଭନ୍ତି ପୁଷ୍ପିତା ଲତା ଅଶ୍ଳେଷେ ଅନଳ୍ପେ ।୨।
କୁସୁମ ସ୍ତବକ ଚୂଡ଼େ ରାଜଇ ରସାଳ
ମାରେ ଶୋଭେ ବାସନ୍ତିର ଲତା ଆଲବାଳ ।୩।

ହସନ୍ତି ପଦ୍ମିନୀଗଣ ସ୍ୱଚ୍ଛ ସରୋବରେ
ପିଉଛନ୍ତି ମକରନ୍ଦ ସମ୍ପାତ ସତ୍ୱରେ ।୪।
ଶୀତଳ ମୃଦୁଳ ସ୍ନିଗ୍ଧ ମଳୟ ପବନ
ବିତରଣ ପରିମଳେ ହରନ୍ତିଁ ମନ ।୫।
କଳସ୍ୱରେ କଳକଣ୍ଠ କୁଳ କରି ଗାନ
ତାଳ ଦେଉଛନ୍ତି କର୍ଣ୍ଣେ ସୁଧାମୟ ତାନ
ପବିତ୍ର ତାପସାଶ୍ରମ ଶାନ୍ତିର ଆକର
ଶିଷ୍ୟ କଣ୍ଠୋତ୍ଥିତ ବେଦ ଧ୍ୱନିରେ ମୁଖର ।୬।
କୃଷ୍ଣସାର ତରୁକୁଞ୍ଜ ଅନ୍ତରାଳେ ପଶି
କଣ୍ଡୂୟନେ ରତ ମୃଗୀଅଙ୍ଗେ ଶୃଙ୍ଗଘଷି ।୭।
ବିଛିନ୍ନ ମୃଣାଳ ଖଣ୍ଡ ଧରି ହଂସଗଣ
କରନ୍ତି ପ୍ରେୟସୀ ଚଞ୍ଚୁପୁଟେ ସମର୍ପଣ ।୮।
ଏଥି ରାଜମାନ ଶାନ୍ତ ରସ ମୂର୍ତ୍ତିମନ୍ତ
ବାହାର ରଖାଇ ଦୂରେ ମନୋଗତି-ରଥ ।୧୦।
ଏକାକୀ ଆଶ୍ରମେ ନାଥ ! ହୋଇ ଉପସ୍ଥିତ
ପଞ୍ଚବଟ ଲତାନ୍ତରେ ହୋଇ ଲୁକ୍କାୟିତ ।୧୧।
ଆମ୍ଭର ବିଶ୍ୱାସାଲାପ ଶୁଣିଲ ସମସ୍ତ
ଅବଶେଷେ ଦେଖାଦେଲ ଦେବ ସତ୍ୟବ୍ରତ ! ୧୨।
ସୁଶୋଭନ ସୁଧାମୟ ନାମାକ୍ଷରାଙ୍କିତ
ତବ କର ତର୍ଜ୍ଜନୀକା ଅଙ୍ଗୁଳି ଶୋଭିତ ।୧୩।
ପୁଷ୍ଟ ପାକ ବିଶୋଧିତ କାର୍ତ୍ତସ୍ୱର ମୟ
ଅଙ୍ଗୁରୀୟ ପରି ମୋତେ କରି ଅନୁଗ୍ରହ ।୧୪।
ମନଙ୍କଣା ଶୃଷ୍ଟବାଣୀ ଅହ୍ୱା କି ସୁନ୍ଦର
କହିଥିଲ ପରି ନାଥ ! "ଅରେ ରାମାବର ! ୧୫।

କାଲି ଭୋରେ ନେବାପାଇଁ ପ୍ରେରିବ ନିଶ୍ଚୟ
ମହାରାଣୀ ଉପଯୋଗି-ସମ୍ଭାରର ସହ” ।୧୬।
ବିସ୍ମରିଲ ଏବେ କିପାଁ ହେ ରାଜାଧିରାଜ !
ପ୍ରତିଜ୍ଞା ଲଂଘନ ଦେବ ! ରାଜକୁଳେ ଲାଜ ।୧୭।
କର୍ତ୍ତବ୍ୟ ପାଳନେ ପ୍ରଭୋ ! ହୁଅ ତତପର
ନୋହିଲେ ଶେଷ ମୋ ଲୀଳା ଇହଜଗତର ।୧୮।
ତବ ଅନୁକମ୍ପା ଭିକ୍ଷା କରେ ଏହି ଦୀନା
ଯୁକ୍ତକରେ ତବ ପୁଣ୍ୟ ପ୍ରଣୟ ଅଧୀନା ।୧୯।

ଏକତା ।

(ରାଗ—ବଙ୍ଗଳା ଶ୍ରୀ)

ଏକତା ଅଟଇ ଗୌରବ ସହାୟ
ବାନ୍ଧବ ଆବର ଧନ,
ଏକତା ସମ୍ପଦ ଆମୋଦ ପ୍ରମୋଦ
ସକଳ ସଦ୍‌ଗୁଣଗଣ । ୧ ।
କି ଜାତି ସମାଜ କି ଜ୍ଞାତି ସୁହୃଦ
ସମସ୍ତେ ଐକ୍ୟେ ଗଠିତ,

ଐକ୍ୟ ଜ୍ଞାନବଳ   ସମସ୍ତ କ୍ଷଣକେ
ହୋଇଯାଏ ଅସ୍ତବ୍ୟସ୍ତ । ୨ ।
ମହା ମହା ବିଜ୍ଞ   ଭୀଷ୍ମ, ଦ୍ରୋଣ ଆଦି
ବିକମିଂକର ସାକ୍ଷାତେ,
ସଭାରେ ଭାଇଙ୍କ   ଜନ୍ମିଲା ବିବାଦ
ବୃଥା ବୃଥା ହାତେ ହାତେ । ୩ ।
ଐକ୍ୟର ଉଚ୍ଛେଦ   କୁରୁ ପାଣ୍ଡବଙ୍କ
ହିନା ବିରୋଧ କାରଣ
ସ୍ୱାର୍ଥେ ବିଜଡ଼ିତ   ଜନ ନ ଜାଣନ୍ତି
ମୋହେ ପଡ଼ି ଅକାରଣ । ୪ ।
ନଖିଳ ଭୁବନ   ସ୍ୱାସ୍ଥ୍ୟବୃତ୍ତୀ କରଣ
ଶକ୍ତିରଯ୍ଯ ସୁସମ୍ପନ୍ନ
ନୀତି ଧର୍ମ ବୁଦ୍ଧି   ପ୍ରଜ୍ଞା-ନ୍ୱିତ ସୁଧୀ
ଭୂତଲେ ଯାଦବ ଗଣ । ୫ ।
କାଳେ ପରସ୍ପର   ସ୍ୱାର୍ଥ ଅନ୍ଧକାର
/ ମୁଷିତ ସକଳ ଜ୍ଞାନ
ଦୁର୍ବଳଙ୍କ ପର   ହୋଇଗଲେ ସବେ
କ୍ଷଣକ ମାତ୍ରେ ନିର୍ବାଣ । ୬ ।
ଘରେ ଘରେ ଯା'ଙ୍କ   ହେଉଥିଲା ସଦା
ଅମୂଲ୍ୟ ଦେବତାର୍ଚ୍ଚନ,
କମଳା ପ୍ରସନ୍ନେ   ପୂଜାପାଇ ବର—
କରୁଥିଲେ ଅର୍ପଣ । ୭ ।
ଉଦ୍ଭବ ସମାନ   ଭାରତ ଭୁବନ
ଥିଲା ଯା'ଙ୍କ ଛତ୍ରତଳେ,

ଖଟୁଥାଇଥିଲେ ଚରଣ ସେବାରେ
ଶତ୍ରୁଙ୍କୁ ଯେ ଭୁଜବଳେ । ୮ ।
ମହା ସୁଖ ଶାନ୍ତି ସମନ୍ୱିତ ଏହି
ଭାରତ ସନ୍ତାନଗଣେ
ସୁଖ ସ୍ୱଚ୍ଛନ୍ଦରେ ଯାପୁଥିଲେ କାଳ
ନବକ୍ତ୍ରର ମୋଦ ମନେ । ୯ ।
କାଳେ ଏକଦାରେ ଦେଇ ଜଳାଞ୍ଜଳି
ଜୟଚନ୍ଦ୍ର ବୀରବର
ଜିଗୀଷା-ପିଶାଚୀ ବଶବର୍ତ୍ତୀ ଭାବେ
ଦର୍ପାନ୍ଧ ହୋଇ ସତ୍ୱର । ୧୦ ।
"ସାଧିବେ ଅବସ୍ଥା ପୃଥ୍ୱୀରାଜଙ୍କର";
ଏମନ ଭାବଣ ମନେ
ଶ୍ରଦ୍ଧାଭକ୍ତି ସହ କଲେ ଆରାଧନା
ଯବନ ନାଥ ଚରଣେ । ୧୧ ।
ବନଷ୍ଟ ହୋଇଲା ସାମାଜିକ ଭାବ
ସେହି କ୍ଷଣି, ହତଶିରୀ—
ପରବେଶ କଲା ହିନ୍ଦୁଙ୍କ ଶରୀରେ,
ମସ୍ତକେ ପଡ଼ିଲା ଗିରି । ୧୨ ।
ରତ୍ନ ସିଂହାସନ ପରବର୍ଣ୍ଣେ ପର—
ଅନୁଗ୍ରହ ଭିକ୍ଷାପାତ୍ର
କରତଳେ ଆସି ହେଲା ଉପଗତ,
ବୋଲାଇଲେ ମହାପାତ୍ର । ୧୩ ।
ଯାହାବଳେ ବଳୀ ବାନର ଭଲୋରେ
ରାମାୟଣ ଯୁଗାନ୍ତରେ

ଅଶେଷ ଐଶ୍ୱର୍ଯ୍ୟ ଦରଶାଇ ଥିଲେ
ରାମ ରାବଣ ସଙ୍ଗରେ । ୧୪ ।
ଏକତା ପ୍ରଯୁକ୍ତ ପିପୀଲିକାଚୟ
ଗରଳ କୂଟ ବିଷମ
ଭୁଜଙ୍ଗମ ନାଶେ କରନ୍ତି ସାମର୍ଥ୍ୟ
ପରକାଶ ବିନାଶ୍ରମ । ୧୫ ।
ନଗଣ୍ୟ ଜଗତେ ତୃଣରାଶି, ହୋଇ
ବନ୍ଧୁତର ଏକୀଭାବ
ମଦମତ୍ତ ମହା ମତଙ୍ଗଜ ଦୃଢ଼—
ବନ୍ଧେ ଦର୍ଶାଏ ପ୍ରଭାବ । ୧୬ ।
ଶ୍ରଦ୍ଧା ସମନ୍ୱିତ ଭାବନା ନିକର
କୂଟସ୍ଥ କାଳେ ସକଳ
ହୋଇ ଯାଏ ସିଦ୍ଧ ଦେଖାଯାଏ ଏହା
ଭବେ ମାନବେ ଅନନ୍ତ । ୧୭ ।

ନିଶୀଥ ଦୃଶ୍ୟ ।

(ରାଗ— ଚୋଇ)

କି ଯୋଗେ ଭାଙ୍ଗିଲା   ନିଶୀଥେ ମୋ ନିଦ୍ରା
ଖିଙ୍କିଲା ଚେତନେ   ଶ୍ରାନ୍ତ ବିଭ୍ରମ ।
ନିଖିଳ ବ୍ରହ୍ମାଣ୍ଡ   ନବ ଶାନ୍ତିବାରି
ସଂସିକ୍ତ ହୋଇଚି   ତେଜିଣ ଶ୍ରମ ।୧।
ନିର୍ବାଣେ ଉନ୍ମୁଖ   ସରଣି ପ୍ରଦୀପେ
ବେଳେ ବେଳେ ହୋଇ   ଅତି ଦୀପିତ ।
ଲଭନ୍ତି ଯେସନ   ଧ୍ୟାନ ଚିତ୍ତେ ଲୀନ
ମହା ମନୋରଥ   ହୋଇ ଉତ୍ଥିତ ।୨।
ଉନ୍ମୁକ୍ତ କଣ୍ଠିତ   ଖଡ୍ଗ କରେ ଧରି
ନୃଶଂସ ଦାରୁକ   ଗମେ ଗରବେ ।
ପରସ୍ୱ ହରଣ—   ପନ୍ଥ-ଚୋରଗଣ
ଚୋରାଇବା ଆଶେ   ଯାଆନ୍ତି ନବେ ।୩।
କରି ମଧୁପାନ   ହୋଇ ଅଚେତନ
ବାଟ ଘାଟ ଧରି   ଶୟନ କୋଳେ ।
ମଦ୍ୟପ ନିବନ୍ଧ   ନିଦ୍ରିତ, ସେ ଯେଣୁ
ମାତିଥିଲେ ଭୋଳେ   ଉନ୍ମାଦ ଗୋଳେ ।
କୁକ୍କୁର ନିକର   ଚିତ୍କରନ୍ତି ଏବେ
ଦୃଷ୍ଟିତ ବିବଶ   ହୋଇ ବିରଳେ ।
ରୋଗୀଏ ସୁତୀବ୍ର   ବେଦନା ବିଭୋଗି
କାନ୍ଦୁଛନ୍ତି ପୁଣି   କାହିଁ ବିକଳେ ।

ଉନ୍ନତ ପ୍ରାସାଦ ହର୍ମ୍ୟାଳି ପ୍ରଦୀପ
ନୟନ ମୁଦ୍ରିତ କରି ସ୍ତିମିତ ।
ହୋଇଚି, ମଧୁର ଯନ୍ତ୍ର ବାଦ୍ୟ ନାଦ
ସଂଗୀତ ଆଳାପ ବାତ ରହିତ । ୬ ।
ଭୟାନକ ନିଶା ଗର୍ଜନ ଆଟୋପ
ସମସ୍ତ ସୂଚନେ ନିପୁଣ ତର ।
ଘଣ୍ଟୀ ଯନ୍ତ୍ରଙ୍କର ଠକ ଠକ ଧ୍ୱନି
ଶୁଭେ ଗରଜନ ଅକୂପାରର । ୭ ।
ତରଳ ପ୍ରଦୀପ ଆଲୋକ ନିଶାର
ତୁଷାର ମିଳନେ ଦଶେ ବିଶଦ ।
ତଥାକାର ଶୁଭ୍ର— ନକ୍ଷତ୍ର ମଣ୍ଡଳ
ଗଗନେ ଶୋଭନେ ସୁବିଶାରଦ । ୮ ।
ପ୍ରହରୀ ନିକର ଶୟନ ଆସକ୍ତି —
ପ୍ରଯୁକ୍ତ କର୍ତ୍ତବ୍ୟ ଘଣ୍ଟା ତାଡ଼ନ —
କାର୍ଯ୍ୟେ ଶିଥିଳତା ପ୍ରକାଶ କରଣେ
ହୋଇଛନ୍ତି ବାଧ୍ୟ ନିଶ୍ଚିନ୍ତ ମନ । ୯ ।
କବିଏ କବିତା ଚନ୍ଦ୍ରାତ୍ମକ ମନ୍ଧା —
ନିଜ ପରିବାର ମଧ୍ୟେ ମଗନ ।
ଶ୍ରମଜୀବିଗଣ କ୍ଲାନ୍ତ ପରିହର
ନିଦ୍ରାଦେବୀ କୋଳେ ସୁଖେ ଲଗନ । ୧୦ ।
ହବା ସଂଚରଣ ପରିଯୂଣ ଜୀବ
ପଶୁବର୍ଗେ ଏବେ ନୈଶ ବିହାରୀ ।
ଆମୋଦ ପ୍ରମୋଦେ ରତ ପର୍ଯ୍ୟଟନେ
ଦକ୍ଷ ବିଦେଶରେ ହୋଇ ସଞ୍ଚାରୀ । ୧୧ ।

ଉପେନ୍ଦ୍ରବଜ୍ରା

ଶିଢାଙ୍କ ସୌଧୋପର ରାଜମାନେ
କରାରବନ୍ଦେ ପରଦୀପ୍ତ ଶାଣେ ।
ସରସ୍ୱତୀ ମୋ'ଶୁଭଦା ହୁଅନ୍ତୁ
କୃପାକଟାକ୍ଷେ ଦହି ବିଘ୍ନରାଶି । ୦ ।

——୫୦୫——

ଇନ୍ଦ୍ରବଜ୍ରା

ଆନନ୍ଦଚିତ୍ତେ କର ପଦ୍ୟଗାନ
ମାଧୁର୍ଯ୍ୟ ଆସ୍ୱାଦନରେ ପ୍ରବର୍ତ୍ତି ।
ତେଜନ୍ତୁ ଦୋଷାବଳି ହୃଦ୍ୟବିଦ୍ୟା —
ସହୃଷ୍ଟ-ଲୋକେ ! ମମ ବାକ୍ୟ ସେନ । ୦ ।

ଧନୀ ଧନାଗମ ଉପାୟେ ଚନ୍ତିତ
ସାଉକାର ଆଉ ଖାତକ ବେଦନ ।
ରହିଛନ୍ତି ଧନ ଆଦାନ ଗ୍ରହଣ
କଉଶଳ ଚନ୍ତା ହୃଦୟେ ଘେନ । ୮ ।

ସରୋବର ତୀରେ ଅମାବାସ୍ୟା ରଜନୀ ।

(ରାଗ— ମଙ୍ଗଳ)

ଅନନ୍ତ ଶରଦାକାଶ ଦର୍ପଣେ କି ନିର୍ମଳ
ଫୁଟିଛନ୍ତି ସାନ ବଡ଼ ତାରକା ମଣ୍ଡଳ ।
ଯଥା ସରୋବର ମଧ୍ୟେ ନବୀନ କୁମୁଦ
ରାଜନ୍ତି କହ୍ଲାର ଆଦି ବହୁଣ ସଂମୁଦ ।
ସପ୍ତ ଋଷି ମଣ୍ଡଳନ୍ତି ଶକଟ ସଙ୍କାଶ ।
ଲୁବ୍ଧକ ମହୃଷାସ୍ୱର ଧ୍ରୁବ ମୁଖ ଭାସ ।
ହୋଇଛନ୍ତି ବସ୍ତୁପଦୀ ମଣ୍ଡଳ ମଣ୍ଡନ
ଯଥା ରଙ୍ଗେ ଅବତୀର୍ଣ୍ଣ ନୃତ୍ୟକାରଗଣ ।
କୁଜ ଆଦି ଗ୍ରହଗଣ ଗୃହିଁ ଅଧୋଭାଗେ
ରଞ୍ଜନ୍ତି ଦର୍ଶକ-ସଭ୍ୟ-ସମ ଅନୁରାଗେ ।
ବିମ୍ବିତ ନକ୍ଷତ୍ରକୁଳ ତରଙ୍ଗେ ଚଞ୍ଚଳ ।
ନୀରଦେ ବିଦ୍ୟୁତ କାନ୍ତି ଯେମନ ଚଳଚଳ ।

ପିପାସୁ ଚରନ୍ତୁ କାହିଁ ସ୍ୱଚ୍ଛାମ୍ବୁ ଜଳେ ।
ଗୃହିଁ ପ୍ରତିଦ୍ୱନ୍ଦୀ ଭ୍ରମେ ଗର୍ଜୁଅଛୁ ବଳେ ।
ଝିଙ୍କାର ଝଙ୍କାର ଧ୍ୱନ ଗାନ ଅବିରତ
ଉଠିକରେ ଆପ୍ୟାୟିତ ବଲ୍ଲକୀର ମତ ।
କାହିଁ କାହିଁ ସ୍ଥିରଜଳେ ସୁବିମ୍ବିତ ତାର—
ବନ୍ଦୀଲଗି ହୋଇଛୁ କି ସରୋବର କାର ?
ପାସୋର ବାନ୍ଧବ ପ୍ରେମେ କଇରବ ମାନ
ଦରଶ ରଜନୀ ହେନ୍ଦେ କି ଅବନ୍ଧ ମାନ ।
ମୃଗୟା ରସିକ ଜନ ମାନସ ତୋଷଣୀ
ଭୀରୁ ଶୂନ୍ୟ ହୃଦୟର ସାଧ୍ୱସ କାରଣୀ ।
ବେଳେ ବେଳେ ପେଚକଙ୍କ ହୂଙ୍କାର ବିରାବ
ବିସ୍ତାର କରଇ ପ୍ରେତ ବଚନର ଭାବ ।
ଦକ୍ଷିଣ ରଜନୀ ଛଳେ ବଣିକ ସୁନ୍ଦରୀ
ବସାଇଛୁ ପସରା କି ତାରା ରତ୍ନଧର ।
ପ୍ରାକୃତିକ ଦୃଶ୍ୟ ଏଣେ ବଡ଼ ମନୋହର
ଅନୁକ୍ଷଣ ରଞ୍ଜକତା ଥାଏ ଯା' ନିକର ।

ବିଦ୍ୟୁତ୍ ।

(ରାଗ— ମଙ୍ଗଳ)

ନବଢ଼ ନୀରଦ ଚଢ଼ି ଅନନ୍ତ-ଗଗନେ
ସଞ୍ଚରନ୍ତି ଇତସ୍ତତ, ସିଂହ ଯଥା ବନେ ।
ଗମ୍ଭୀର-ଗର୍ଜନ ଥରେ ଥରେ ଶୁଣାଯାଏ
ଶ୍ରମଜୀବୀ ପଥିକଙ୍କ ହୃଦୟ କମ୍ପାଏ ।

କନକ ତଡ଼ିତ ଏକ ପ୍ରାନ୍ତେ ହୋଇ ଉଦେ
ତଉଦ୍‌ଗତ କନକିତ କରେ ମାତ୍ର ମୁଦେ ।
ଲୀନ ହୁଏ ପରପ୍ରାନ୍ତେ କରି ନିମୀଲନ
ଆହ୍ଲାଦିତ ଚିତ୍ତ ସହ ଦର୍ଶକ ନୟନ ।
ଜନ ମନ ବିମୋହିନୀ ରମଣୀ କୁଳର
ରମଣୀୟ ହାସ୍ୟଚ୍ଛଟା ଯାର ପଟାନ୍ତର ।
ଜଳଧର-କଷଟୀରେ ପଡ଼ିଅଛି ରେଖା
ଲାଗିଛି କି ସୁବର୍ଣ୍ଣର ଭଲ ମନ୍ଦ ଦେଖା ?
ବଳାହକ-ବସୁଧାରେ ସୁବର୍ଣ୍ଣ-ଲତିକା
ଲେଖା ଅଛି, ଲାଗିଛକି ଅଙ୍କନ ପରୀକ୍ଷା ?
ଲକ୍ଷ ଲକ୍ଷ ଦୀପ କାନ୍ତି ନୁହେ ଯାହା ସମ
ସୌନ୍ଦର୍ଯ୍ୟ ସୃଷ୍ଟିରେ ଯେହୁ ଅଟେ ଅନୁପମ ।
ସ୍ୱର୍ଣ୍ଣମୟ କମନୀୟ କାନ୍ତିକି ପକାଇ
ଦିଏ କି କନକ ରଙ୍ଗେ ପ୍ରକୃତି ରଙ୍ଗାଇ ।
ନୁହଇ ତା ଚିର ସ୍ଥିର ଦର୍ଶନ ସୁଲଭ
ଉପାଦେୟ ପଦାର୍ଥର ସ୍ଥିରତା ଦୁର୍ଲଭ ।

ସ୍ୱର୍ଣ୍ଣ ବିଗୁର ।

(ରାଗ— ମଙ୍ଗଳ)

ପରୀକ୍ଷାର୍ଥେ ଶୀଘ୍ରେ ମୋତେ ଜ୍ୱଳନ୍ତ ଅନଳ—
ମଧ୍ୟରେ ପକାଇ ବୁଝ ମୋ ଗୁଣ ସକଳ । ୧ ।
ସେଥି ପ୍ରତି ନାହିଁ କେବେ ମୋର ଚିନ୍ତା ଲେଶ

ଏ ନୋହିଲେ ଶୁଣ ଶୁଣ ଅପର ସନ୍ଦେଶ । ୨ ।
ମୋ ଅଙ୍ଗ ପ୍ରତ୍ୟଙ୍ଗ ସବୁ ଖଣ୍ଡ ଖଣ୍ଡ କର
ତନ୍ନ ତନ୍ନ ଭାବେ ଦେଖି ମୋତେ ମୂଲ୍ୟ କର । ୩ ।
ନାହିଁ ମୋର ଦୁଃଖ ତହିଁ, ନୋହିଲେ ନିକଷ—
ଉପଲରେ ଘରଷ ମୁଁ ନୁହଇ ବିରସ । ୪ ।
ମହା ଦୁଃଖ ହୁଏ ମୋର ଗୁଞ୍ଜା ସହ ଯାହା
ତୋଳନ କରୁଚ, ଛଡ଼; ନ କରିବ ତାହା । ୫ ।

ସ୍ୱର୍ଗ ଓ ନରକ ।

(ବଙ୍ଗ— ମଙ୍ଗଳ)

ନୁହଇ ସ୍ୱରଗ ସେହୁ ନିର୍ଜର ଆବାସ
ଅମୃତ ଆହାର ଯହିଁ, ମୃତ୍ୟୁ ଅଟେ ଦାସ ।
କ୍ଷୁଧା ତୃଷା ସ୍ୱପ୍ନହୀନ ଯହିଁ ଜୀବଗଣ
ମାନବ କାମନା ପୂର୍ତ୍ତି କାର୍ଯ୍ୟେ ପରାୟଣ ।
ଚତୁର୍ଦ୍ଦନ୍ତ ମତଙ୍ଗଜ ଯହିଁ ସଞ୍ଚରଇ,
କ୍ଷୀରାବ୍ଧି ଜନିତ ହୟକୁଳ ଛନ୍ତି ଯହିଁ ।
ମନୋବାଞ୍ଛା ପ୍ରପୂରଣ ନିପୁଣ ପାଦପ —
କଳ୍ପବୃକ୍ଷ ନାମେ ଯହିଁ ରାଜେ ଅନଳପ ।
ଅଭୀପ୍ସିତ ସୁଖପ୍ରଦ ନନ୍ଦନ କାନନ,
ଯହିଁ ଜୀବଗଣେ ସୁଖେ କରେ ବିଚରଣ ।

ନୁହଇ ନରକ ସେହୁ; ଯହିଁ ଜୀବଚୟ
ବିବିଧ ଯାତନା ଭୋଗେ ପାଇଥାନ୍ତି ଭୟ ।
କୁମ୍ଭୀପାକ, ସୂଚୀମୁଖ, ଶାଲ୍ମଳୀ ନାମକ,
ପାପି ପାପ ଅନୁରୂପ ତାପ ବିଧାୟକ ।
କଳ୍ପନା ଜଗତେ ତାର ସ୍ଥିତି କହେ ବେଦ,
ଏ ମର୍ତ୍ତ୍ୟ ମଣ୍ଡଳେ ନାହିଁ, ଏହାହିଁ ପ୍ରଭେଦ ।
ନାହିଁ କିପାଁ; ଅଛିପୁଣି ଧରି ରୂପାନ୍ତର,
ଯାର ନାମେ ଯଶ ଖ୍ୟାତ, ତାର ସ୍ୱର୍ଗେ ଘର ।
ଐହିକ ଅନନ୍ତ ସୁଖ କରେ ଉପଭୋଗ
ପରେ ଶାନ୍ତି ନିକେତନେ ଲଭଇ ସୁଯୋଗ ।
ରଟଇ ଯା ନାମେ ନିନ୍ଦା ଐହିକ ଜଗତ ।
ନରକେ ନିବାସ ଅଟେ ତାହାର ନିଶ୍ଚିତ ।
ପ୍ରତିଫଳ ଭୁଞ୍ଜେ କୃତପାପ ନିରନ୍ତର,
ନ ଭୁଲଇ ବିଧି କେବେ ନିଶ୍ଚୟ ନରର ।

ସମାପ୍ତ

Printed by D. Rath at the Store Press, Berhampur.

PRINTED BY D. RATH
At the Store Press
BERHAMPUR
1930